


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 FEBRUARY 2025

Vol.No. 36 ■ No.36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ଅପେକ୍ଷାରେ ନୂଆବର୍ଷ ୨୦୨୫ର ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇତିହାସ ହୋଇଯିବ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି: ସ୍ପଷ୍ଟ କଲେ ଷୋଡଶ ଅର୍ଥ କମିଶନ

ଭୁବନେଶ୍ୱର, ୬/୨(ନି.ପ୍ର) : ସମାଧି ନେଇଛି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା । ଉତ୍ତର ରଖିଲେ ଷୋଡଶ କମିଶନ,ଆଉ ବିରୋଧୀଙ୍କ ଦାବିରେ ନାହିଁ ଦମ୍? । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କିମ୍ବା ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ବ୍ୟବସ୍ଥାକୁ ନେଇ ଓଡ଼ିଶାରେ ଚାଲିଥିବା ରାଜନୀତିରେ ପୂର୍ଣ୍ଣଚ୍ଛେଦ ପକାଇଛି ଷୋଡଶ ଅର୍ଥ କମିଶନଙ୍କ ବୟାନ। ଓଡ଼ିଶା ଗସ୍ତ ସମୟରେ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନଗାରିଆ ରୋକଠୋକ କହିଛନ୍ତି, ନୀତି ଆୟୋଗ ଆସିବା ପରେ ପ୍ଲାନିଂ କମିଶନର ଉଚ୍ଛେଦ ହୋଇଛି। ସେବେଠାରୁ ଏ ବ୍ୟବସ୍ଥା କବର ନେଇଛି। ଦେଶର କୌଣସି ରାଜ୍ୟକୁ ଏ ସୁବିଧା ମିଳୁନି । ପାନଗାରିଆଙ୍କ ବୟାନ, ସ୍ୱତନ୍ତ୍ର ପାହ୍ୟାକୁ ନେଇ ବିରୋଧୀ କରୁଥିବା ରାଜନୀତିରେ ବିରାମ ଲଗାଇଛି ।



ବିକଶିତ ଓଡ଼ିଶା ପାଇଁ ସାଢେ ୧୨ ଲକ୍ଷ କୋଟିର ଦାବି । କେନ୍ଦ୍ର ଦେଉଥିବା ଟିକସ ଭାଗ ବୃଦ୍ଧି ପାଇଁ ଓଡ଼ିଶାର ପ୍ରସ୍ତାବ । ଷୋଡଶ ଅର୍ଥ କମିଶନଙ୍କ ଆଗରେ ବିକାଶର ନକ୍ସା ଆଙ୍କିଛି ଓଡ଼ିଶା। ଆଉ ଏଥିପାଇଁ ଆବଶ୍ୟକୀୟ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଅର୍ଥ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ ଲକ୍ଷ ୮୮ ହଜାର ୪୨୨ କୋଟି । ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ ଲକ୍ଷ ୧୦ ହଜାର ୪୩୪ କୋଟି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ୧ ଲକ୍ଷ ୩୬ କୋଟି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧ ହଜାର ୪ କୋଟି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ ହଜାର ୨୫୨ କୋଟି । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ କେନ୍ଦ୍ରରୁ ଏସଡିଆରଏଫରୁ ମିଳୁଥିବା ଅନୁଦାନ ରାଶିକୁ ଶତ ପ୍ରତିଶତ କରିବାକୁ ଦାବି ରଖିଛି ଓଡ଼ିଶା। ଏହାସହ କେନ୍ଦ୍ର ସରକାରଙ୍କ ଟିକସ ଆୟରୁ ରାଜ୍ୟ ମାନଙ୍କର ଭାଗକୁ ୪୧%ରୁ ୫୦%କୁ ବୃଦ୍ଧି କରିବା ପାଇଁ ଓଡିଶା ପ୍ରସ୍ତାବ ରଖିଛି। ଶୃଙ୍ଖଳିତ ଆର୍ଥିକ ପରିଚାଳନାରେ ଓଡ଼ିଶାର ପ୍ରଦର୍ଶନ ଦେଶକୁ ବାଟ ଦେଖାଉଛି । ତେଣୁ ଏ କ୍ଷେତ୍ରରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧୫ ପ୍ରତିଶତକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ । ଡବଲ ଇଞ୍ଜିନ ସରକାର ଥିବାରୁ ଓଡ଼ିଶାର ଦାବିକୁ କେତେଦୂର ଗ୍ରହଣ କରାଯାଉଛି ଏବଂ କେତେ ଆର୍ଥିକ ସହାୟତା ମିଳୁଛି ତା ଦେଖିବା ବାକି ରହିଲା ।

## କଟକ ଐତିହାସିକ ବାଲିଯାତ୍ରାକୁ ମିଳିଲା ଜାତୀୟ ମାନ୍ୟତା

କଟକ, ୬/୨ (ନି.ପ୍ର): ପ୍ରତିଶ୍ରୁତି ପୂରଣକଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀଙ୍କ ପ୍ରତିଶ୍ରୁତି ଅନୁସାରେ କଟକ ବାଲିଯାତ୍ରାକୁ 'ଜାତୀୟ ମାନ୍ୟତା' ମିଳିଛି । ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ଜାତୀୟ ମାନ୍ୟତା' ନେଇ ସୂଚନା ଜାରି ହୋଇଛି । ଓଡ଼ିଶା ଓ ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ନୌବାଣିଜ୍ୟର ଗାଥା ବହନ କରୁଥିବା କଟକ ବାଲିଯାତ୍ରା ସଂପର୍କରେ ଇଣ୍ଡୋନେସିଆ ଗସ୍ତବେଳେ ପିଏମ ମୋଦୀ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ସାମୁଦ୍ରିକ ବାଣିଜ୍ୟ ମାଧ୍ୟମରେ ଓଡ଼ିଶା ମହୋତ୍ସବ ହଜାର ହଜାର ବର୍ଷ ଧରି ବାଲି, ସୁମାତ୍ରା, ଜାଭା,



ଶ୍ରୀଲଙ୍କା ଏବଂ ମାଲେସିଆ ସହ ଭାରତକୁ କିପରି ସଂଯୋଗ କରିଛି, ତା ଉପରେ ଆଲୋକପାତ କରିଥିଲେ ମୋଦି । ଐତିହାସିକ ବାଲିଯାତ୍ରା ଗତ ୨୦୨୨ ମସିହାରେ ଗିନିଜ ୱାର୍ଲଡ ରେକର୍ଡ ବି କରିଥିଲା । ମାତ୍ର ୩୫ ମିନିଟରେ ୨୨ ହଜାର କାଗଜ ଡଙ୍ଗା ତିଆରି କରି ବାଲିଯାତ୍ରା ରେକର୍ଡ କରିଥିଲା। ତା'ସହ ବିଭିନ୍ନ ମହଲରେ ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ସପକ୍ଷରେ ମତ ▶▶ପୃଷ୍ଠା ୭


## ୭ ହଜାର ଟଙ୍କା ପାଇଁ ଚାଲିଗଲା ଜୀବନ

ଭୁବନେଶ୍ୱର, ୬/୨ (ନି.ପ୍ର): ପୁଣି ଥରେ ରାଜଧାନୀ ଭୁବନେଶ୍ୱରର ଏକ ନିଶା ନିବାରଣ କେନ୍ଦ୍ର ବିରୋଧରେ ହତ୍ୟା ଅଭିଯୋଗ। ବଳକା ଟଙ୍କା ପୈଠ ନକରିବାରୁ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାରଲୋକେ। ଲକ୍ଷ୍ମୀସାଗର ଥାନା ଝାରପଡା ଅଂଚଳରେ ଘଟିଥିବା ଏଭଳି ଅଭାବନୀୟ ▶▶ପୃଷ୍ଠା ୭

## ସର୍ଚ୍ଚ ଅପରେସନ ବେଳେ ପୁଲିସ ପାଖରୁ ଖସିପାରିଲେନି ୨ ମାଓବାଦୀ

ମାଲକାନଗିରି, ୬/୨ (ନି.ପ୍ର): ସୀମାନ୍ତ ଛତିଶଗଡର ସୁକମା ପୁଲିସକୁ ମିଳିଛି ଆଉ ଏକ ବଡ ସଫଳତା। ଜଂଗଲରେ ଅପରେସନ ବେଳେ ୨ ମାଓବାଦୀକୁ ଗିରଫ କରିବାରେ ଜିଲ୍ଲା ପୁଲିସ ସଫଳ ହୋଇଛି। ସୁକମା ଜିଲ୍ଲାର ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ ତାଡମେଟଲା ଅଂଚଳରେ ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିଲେ। ଜଂଗଲରେ ଯବାନଙ୍କୁ ଦେଖି କିଛି ବ୍ୟକ୍ତି ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ତୁରନ୍ତ ଯବାନ ଜଂଗଲକୁ ଘେରି ଦୁଇ ଜଣ ବ୍ୟକ୍ତିଙ୍କୁ କାବୁ କରି ପଚରାଉଚରା କରିଥିଲେ। ପଚରାଉଚରା ବେଳେ ଦୁହେଁ ନକ୍ସଲ ସଂଗଠନରେ ▶▶ପୃଷ୍ଠା ୭

## 'ଅନିୟମିତତା ଧରିବାକୁ ୬ ଶହ କେନ୍ଦ୍ରରେ ହେବ ଏଆଇ ଭଳି ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା'




ଭୁବନେଶ୍ୱର, ୬/୨(ନି.ପ୍ର) : ପେପର ଲିକ୍ ରୋକିବ କ୍ୟୁଆର କୋଡ୍। ସବୁ ପ୍ରଶ୍ନପତ୍ରରେ ୱାଟର ମାର୍କିଂ ସହ ରହିବ ସିରିଏଲ୍ ? ନମ୍ବର। ଅନିୟମିତତା ଓ କପି ରୋକିବାକୁ ଇଓ ନୁହେଁ, ଏଥର ଇଓ ଭଳି ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯିବ। ଛାତ୍ର ଜୀବନର ଅତି ଗୁରୁତ୍ୱପୂର୍ଣ୍ଣ ସୋପାନ ମାଟ୍ରିକ ପରୀକ୍ଷାର ପରିଚାଳନାକୁ ଶୃଙ୍ଖଳିତ କରିବାକୁ ଏଥର ଏମିତି କିଛି ନୂଆ ବ୍ୟବସ୍ଥା କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଆସନ୍ତା ୨୧ ତାରିଖରୁ ମାଟ୍ରିକ୍ ପରୀକ୍ଷା। ତା'ପୂର୍ବରୁ ପରୀକ୍ଷା ପରିଚାଳନା ଓ ପ୍ରସ୍ତୁତି ସଂପର୍କରେ ପ୍ରେସମିଟରେ ସୂଚନା ଦେଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ। କହିଛନ୍ତି, ମାଟ୍ରିକ୍ ପରୀକ୍ଷା ପାଇଁ ଏଥର ୩ ହଜାର ୧୩୩ଟି କେନ୍ଦ୍ର କରାଯାଇଥିବା ବେଳେ ମୋଟ୍ ୩୧୪ଟି ନୋଡାଲ ସେଣ୍ଟର କରାଯାଇଛି। ଆସନ୍ତା ୧୨ ତାରିଖରୁ ୧୯ ତାରିଖ ଭିତରେ ସବୁ ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବ। ପୂର୍ବବର୍ଷ ଭଳି ଏଥର ମଧ ପରୀକ୍ଷା କେନ୍ଦ୍ରରେ ସକାଳ ସାଢ଼େ ୭ଟାରୁ ସାଢ଼େ ୮ଟା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବ। ସକାଳ ୯ଟାରୁ ଆରମ୍ଭ ହେବ ପରୀକ୍ଷା। ତେବେ ଏହାର ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢ଼େ ୮ଟା ସୁଦ୍ଧା ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ▶▶ପୃଷ୍ଠା ୭

## ଭିଆଇପିଙ୍କ ପାଇଁ ମାଳ ମାଳ ପାସ୍: ସାଧାରଣ ଲୋକଙ୍କ ପାଇଁ ଟିକେଟ୍ ଖତମ୍

କଟକ, ୬/୨ (ନି.ପ୍ର): ସାଧାରଣ ଦର୍ଶକଙ୍କୁ ଅଣଦେଖା କରି ଠଠଓଟଙ୍କ ସନ୍ତୁଷ୍ଟିକରଣରେ ଲାଗିପଡୁଛି କି ଓସିଏ ? କାରଣ ୪୫ ହଜାର ସିଟ୍ ବିଶିଷ୍ଟ ବାରବାଟୀ ଷ୍ଟାଡ଼ିୟମରେ ୨୪ ହଜାର ଟିକଟ ବିକ୍ରି ଏବଂ ୨୧ ହଜାର ପାସ୍ ବଣ୍ଟନ ବ୍ୟବସ୍ଥାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । କେବଳ ପ୍ରଶ୍ନ ନୁହେଁ, ଗତକାଲି ଧାଡ଼ିବାନ୍ଧି ଦୟନୀୟ ଅବସ୍ଥା ଭୋଗିଲେ ହଜାର ହଜାର ଦର୍ଶକ । ସ୍ଥିତି ନିୟନ୍ତ୍ରଣ ପାଇଁ ନାକେଦମ୍ ହେଲା ପୋଲିସ । ତେବେ କାହିଁକି ଏଭଳି ଅବ୍ୟବସ୍ଥା ? କାହିଁକି ବାରବାଟୀରେ ବଢ଼ାଯାଉନି ସିଟ୍ ସଂଖ୍ୟା ? ସେନେଇ ନାନା ପ୍ରଶ୍ନ ଉଠୁଥିବାବେଳେ ଓସିଏ କହିଛି, ସଦସ୍ୟଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ । ମ୍ୟାଚ୍ ଆସିଲେ ବେଦନା ବଢ଼ାଉଛି ବାରବାଟୀ । କ୍ରିକେଟ୍ ପୂର୍ବରୁ ଟେନସନ୍ ଦେଉଛି ଟିକେଟ୍ । ରାତି ଅନିଦ୍ରା ହେଉଛନ୍ତି କମନମ୍ୟାନ୍ । ଧସ୍ତାଧସ୍ତିରେ ହଂସା ଉଡ଼ିଯାଉଛି କ୍ରିକେଟ ଫ୍ୟାନଙ୍କର । ଧକ୍କା ଖାଇବାକୁ ପଡୁଛି ପୋଲିସର । ଗତକାଲି ଯିଏ ଦେଖିଛନ୍ତି ଦୃଶ୍ୟ, ସିଏ ବିଚଳିତ ହୋଇଛନ୍ତି, ଯିଏ ଧାଡ଼ିବାନ୍ଧି ଦଣ୍ଡ ଭୋଗିଛନ୍ତି ସିଏ ହିଁ ଜାଣିଛନ୍ତି କେତେ କଷ୍ଟ ଦେଇଛି ବାରବାଟୀ ଟିକେଟ୍ । ମନ ପସନ୍ଦର ଖେଳ ଓ ଖେଳାଳୀଙ୍କୁ ଦେଖିବାକୁ ଆସୁଥିବା ସାଧାରଣ ଦର୍ଶକ କାହିଁକି ଧାଡ଼ିବାନ୍ଧି ଭୋଗୁଛନ୍ତି ଏଭଳି ଦଶା ? ଏଭଳି ପ୍ରଶ୍ନରେ କେବଳ ଗୋଟିଏ କଥା, ଭିଭିଆଇପିଙ୍କ ପାଇଁ ମାଳ ମାଳ ପାସ୍, କମନମ୍ୟାନଙ୍କ ପାଇଁ ଟିକେଟ ଖତମ୍ । ▶▶ପୃଷ୍ଠା ୭

## ଆଗାମୀ ୩ ଦିନ ଯାଏଁ କଳବଲ କରିବ କୁହୁଡି !

ଭୁବନେଶ୍ୱର, ୬/୨ (ନି.ପ୍ର): ଶୀତ ଗାଏବ ହୋଇଗଲାଣି। ହେଲେ କୁହୁଡି ପିଛା ଛାଡୁନି। ଆଗାମୀ ୩ ଦିନ ଯାଏଁ ରାଜ୍ୟରେ କେତେକ ଜିଲ୍ଲାରେ କୁହୁଡି ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶୁକ୍ରବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଜଗତସିଂହପୁର, ଖୋର୍ଦ୍ଧା, କଟକ, ପୁରୀ ଓ ନୟାଗଡ଼ ଜିଲ୍ଲାର କେତେକ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ଧରଣର ▶▶ପୃଷ୍ଠା ୭

## ଯେତେ ଖୋଳିଲେ ସେତେ ବାହାରୁଛି: ଯେଉଁଠି ହାତ ମାରିବ ସେଠୁ ବାହାରୁଛି ଟଙ୍କା

ମାଲକାନଗିରି, ୬/୨ (ନି.ପ୍ର): ଯେତେ ଖୋଳିଲେ ସେତେ ବାହାରୁଛି। ଯେଉଁଠି ଖୋଜିଲେ ସେଇଠି ସମ୍ପତ୍ତି। ୨ ଦିନରେ ୫ କୋଟିର ସମ୍ପତ୍ତି ମିଳିବା ପରେ ମଧ ଜାରି ରହିଛି ଚଢାଉ। ଆଉ ଏହା ଏବେ ଭିଜିଲାନ୍ସ ଇତିହାସରେ ସବୁଠୁ ଲମ୍ବା ସମୟର ଚଢାଉ ହେବାକୁ ଯାଉଛି। ଏହାରି ଭିତରେ ସାମ୍ନାକୁ ଆସିଛି ମାଲକାନଗିରି ଜଳସଂପଦ ▶▶ପୃଷ୍ଠା ୭



## ଅଧିକାରୀଙ୍କୁ ଚେତାବନୀ: ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କର, ନ ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୬/୨(ନି.ପ୍ର) : ଆକ୍ସନ୍ ମୁଡରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କାର୍ଯ୍ୟାଳୟ। ଜନଶୁଣାଣିରେ ଲୋକମାନେ ଆଣୁଥିବା ଅଭିଯୋଗ ଏବଂ ସମସ୍ୟାର ସମାଧାନ ନ ହେଲେ ଏଣିକି ଅଧିକାରୀଙ୍କ ଉପରେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ମାଧ୍ୟମରେ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ସମସ୍ତ ବିଭାଗ, ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର, ଏସପି ଓ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ କୁହାଯାଇଛି। ଦୀର୍ଘ ଦିନଧରି ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ ହେଉଥିବାରୁ ଏହାକୁ ଗୁରୁତର ସହ ନେଇ ସମସ୍ୟାର ସମାଧାନ କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି। କିଛି ଲୋକ ସେମାନଙ୍କ ସମସ୍ୟାର ସମାଧାନ ହେଉନଥିବାରୁ ବାରମ୍ୱାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ଯେପରି ଥରକରେ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଏବଂ ଅନ ସ୍ପଟ୍ ଆକ୍ସନ ନେଉଛନ୍ତି। କିଛି ଦିନ ତଳେ ବାଲାଙ୍ଗିର ସଇଁତଳାର ୧୨ ବର୍ଷର ଆଲୋକ ବଧିର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ



ପ୍ରକୋଷ୍ଠକୁ ଆସିଥିଲେ। ସେ ଠିକ୍‌ରେ ଚାଲି ପାରୁନଥିଲେ। ଚିକିତ୍ସା ପାଇଁ ପୁଅକୁ ଧରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ ବାପା। ହେଲେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା କ୍ଷଣି ମୁଖ୍ୟମନ୍ତ୍ରୀ ଆଖି ପଡ଼ିଥିଲା ଆଲୋକଙ୍କ ଉପରେ। ସିଧାସଳଖ ଆଲୋକଙ୍କ ପାଖକୁ ଯାଇ ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା କଥା ପଚାରି ବୁଝିଥିଲେ। ଆଉ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସପିଟାଲ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଲୋକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ହ୍ୱାଇଟ୍ ହାଉସରେ ଟ୍ରମ୍ପ -ନେତାନ୍ୟାହୁ ବୈଠକ: ଗାଜା ଯୁଦ୍ଧ ପ୍ରସଙ୍ଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା

ନୂଆଦିଲ୍ଲୀ, ୬/୨ : ହ୍ୱାଇଟ୍ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ଭେଟିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଏହି ସମୟରେ ନେତାନ୍ୟାହୁ ଟ୍ରମ୍ପଙ୍କୁ ଏକ ସୁନା ପେଜର ଉପହାର ଦେଇଥିବା କୁହାଯାଉଛି । ଏହି ଉପହାର ସେପ୍ଟେମ୍ବର ୨୦୨୪ରେ ଇରାନ ଉପରେ ଇସ୍ରାଏଲର 'ପେଜର ଆକ୍ରମଣ' ବିଷୟରେ ଉଲ୍ଲେଖ କରେ । ଏହି ଉପହାର ଲେବାନନ୍ ଓ ଅନ୍ୟ ଆରବ ଦେଶଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିପାରେ। ଜେରୁଜେଲମ ପୋଷ୍ଟ ଅନୁଯାୟୀ, ନେତାନ୍ୟାହୁ ଟ୍ରମ୍ପଙ୍କୁ ଏହି ଉପହାର ଦେଇ ଇସ୍ରାଏଲର ସଫଳ ସାମରିକ ରଣନୀତି ବିଷୟରେ ଉଲ୍ଲେଖ




କରିଛନ୍ତି। ଉପହାର ପାଇବା ପରେ ଟ୍ରମ୍ପ ନେତାନ୍ୟାହୁଙ୍କୁ କହିଥିଲେ, ଏହା ଏକ ଚମତ୍କାର ଅପରେସନ ଥିଲା ଏବଂ ଟ୍ରମ୍ପ ନେତନ୍ୟାହୁଙ୍କୁ ଉଭୟଙ୍କ ଫଟୋ ପ୍ରଦାନ କରିଥିଲେ। ଯେଉଁଥିରେ ଲେଖାଥିଲା, 'ବିବି, ଜଣେ ମହାନ ନେତା । ସେପ୍ଟେମ୍ବର ୨୦୨୪ରେ ଇସ୍ରାଏଲ ହିଜବୁଲ୍ଲାର ଶତାଧିକ ଆତଙ୍କବାଦୀଙ୍କ ଉପରେ 'ପେଜର ଆକ୍ରମଣ' ଆରମ୍ଭ କରିଥିଲା, ଯେଉଁଥିରେ ଅନେକ ଲୋକ ପ୍ରାଣ ହରାଇଥିଲେ ଏବଂ ହଜାର ହଜାର ଲୋକ ଆହତ ହୋଇଥିଲେ । ଏହି ଅପରେସନର ଏକ ଅଂଶ ଭାବରେ ଲେବାନନରେ ହିଜବୁଲ୍ଲା ସଦସ୍ୟଙ୍କ ଦ୍ୱାରା ବ୍ୟବହୃତ ପେଜର ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ୩୯ରୁ ଅଧିକ ଇରାନ ସମର୍ଥିତ ଆତଙ୍କବାଦୀ ନିହତ ହୋଇଥିଲେ ।

# ସୁରଜମଲ ସାହା ମହାବିଦ୍ୟାଳୟର ୪୫ ତମ ବାର୍ଷିକୋତ୍ସବ : ଏକକୋଟି ଟଙ୍କା ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୫/୨ (ନି.ପ୍ର): ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ହେଉଛି ଏକ ମାତ୍ର ସମ୍ପତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଏବଂ ଉତ୍ପାଦନଶୀଳ ଜୀବନ। ଛାତ୍ର ଜୀବନର କିଛି ବର୍ଷ, ବ୍ୟକ୍ତିର ସାରା ଜୀବନର ଦଶା ଓ ଦିଶାକୁ ଦିଗ ଦେଇଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଠାରେ ସୁରଜମଲ ସାହା ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ଭିତିଭୂମି ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତି ଓ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତନ ଆସିଛି। ଏବେ ନିଯୁକ୍ତି ଓ ରୋଜଗାରର ଅମାପ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବା ପାଇଁ ଶିକ୍ଷା ସହିତ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ୍ ର ଆବଶ୍ୟକତା ରହିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବଜେଟରେ ଦେଶର ଏକ କୋଟି ଯୁବଗୋଷ୍ଠୀଙ୍କୁ ପ୍ରତିଷ୍ଠିତ କମ୍ପାନୀ ମାନଙ୍କ ଜରିଆରେ ଶିଳ୍ପଉପଯୋଗୀ କରିବା ପାଇଁ ଷ୍ଟାଇପେଣ୍ଡ ସହ ଇଂଟର୍ନସିପ ର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶରେ ନୂତନ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି। ଯୁବପିଢିଙ୍କୁ ଏକ ସାମଗ୍ରିକ ଶିକ୍ଷା ଦ୍ୱାରା ଯୋଗ୍ୟ କରିବା ହେଉଛି ଆମର ଲକ୍ଷ୍ୟ। ସେ ପୁଣି କହିଥିଲେ, ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତନ ଆଣିବା ପାଇଁ ଆମ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତିକୁ ସୁଦୃଢ କରିବା ପାଇଁ ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ବଳିଷ୍ଠ କରିବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ମହାବିଦ୍ୟାଳୟର ନବନିର୍ମିତ ନୂତନ ଶ୍ରେଣୀଗୃହ ଓ ପ୍ରଶାସନିକ ଗୃହର ଉଦଘାଟନ କରିବା ସହିତ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଗୃହ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ, ମୁଖ୍ୟମନ୍ତ୍ରୀ, ମହାବିଦ୍ୟାଳୟର ନେପାଳର କାଠମାଣ୍ଡୁ ଠାରେ ଆୟୋଜିତ ସାଉଥ ଏସିଆନ କମ୍ବାଟ ଚମ୍ପିୟାନସିପ ରେ ମେଡାଲ ହାସଲ କରିଥିବା ଓ ସର୍ବ ଭାରତୀୟ କୋଷ୍ଟାଲ ଟ୍ରେକିଙ୍ଗ ଓ ମାଉଣ୍ଟେନ କୋର୍ସ ରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ବିଶିଷ୍ଟ ସମାଜସେବୀ ସୁରଜମଲ ସାହା, ସାହସ, ତ୍ୟାଗ, ସମର୍ପଣ ଓ ତିତିକ୍ଷାର ପ୍ରତୀକ ଥିଲେ। ସେ ପ୍ରତ୍ୟକ୍ଷ ରାଜନୀତିରେ ନଥାଇ ମଧ ଶିକ୍ଷା ବ୍ୟବସ୍ଥାରେ ପରିବର୍ତନ ଆଣିବା ପାଇଁ ସଦା ସର୍ବଦା ଚେଷ୍ଟିତ ଥିଲେ। ଏହି ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ର ଛାତ୍ରୀ ହେଉଛନ୍ତି, ଜାତୀୟ ସ୍ତରର ଖେଳାଳୀ, ଏହା ଏକ ଗୌରବର କଥା। ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ, ରାଜ୍ୟର ବିକାଶ ଓ ସମୃଦ୍ଧି, ତୁମକୁ ମାନଙ୍କ ଉପରେ ନିର୍ଭର କରୁଛି। ନିଜର ଉଜ୍ଜ୍ୱଳ ଭବିଷ୍ୟତ ଜରିଆରେ ରାଜ୍ୟ ତଥା ଦେଶର ବିକାଶ ପ୍ରତି ସମସ୍ତେ ଯତ୍ନବାନ ହେବାପାଇଁ ସେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପିଲା ମାନଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ଦେବା ସହିତ, ଆଗାମୀ ଭବିଷ୍ୟତରେ ନିଜ ଶିକ୍ଷା ମହତ୍ୱକୁ ଶୀର୍ଷ ସ୍ଥାନରେ ସ୍ଥାନିତ କରିବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ର. ବ୍ରହ୍ମାନନ୍ଦ ସାହୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଅଧାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିମଳା ନାଟ୍ୟ ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବର ଶୁଭ ଉଦ୍‌ଘାଟନ




ଭଦ୍ରକ, ୬/୨ (ନି.ପ୍ର): ତ୍ୟାଗଭୂମିର ସଭାପତି ଶ୍ରୀ ଅଜୟ କୁମାର ନାୟକଙ୍କ ସଭାପତିତ୍ୱରେ, ଉଦ୍‌ଘାଟକ ଭଦ୍ରକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲିପ ରାଉରାୟଙ୍କ କରକମଳରେ ସନ୍ଧ୍ୟା ୫ ଘଟିକା ସମୟରେ ଉଦ୍‌ଘାଟନ ସହ ମୁଖପତ୍ର "ବିମଳାଶ୍ରୀ" ସାଂସ୍କୃତିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ସ୍ୱାଗତ ସଂଗିତ ଗୁରୁ ସୁରେନ୍ଦ୍ର ଗାହାଣ ଓ ସାଥି ଏବଂ ସ୍ୱାଗତ ନୃତ୍ୟ ରତିକା ମହାପାତ୍ରଙ୍କ ବେଦପାଠ ଦେବସ୍ମିତା ମିଶ୍ରଙ୍କ ଦ୍ୱାରା ପରିବେଶଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶନ ତଥା ଶତାବ୍ଦି କଳାକାର ପ୍ରତିଷ୍ଠାତା ଧିରେନ୍ଦ୍ର ନାଥ ମଲ୍ଲିକ୍, ମୁଖ୍ୟବକ୍ତା ପ୍ରଫେସର କ୍ଷୀରୋଦ କୁମାର ସାମଲ, ସମ୍ମାନୀତ ବକ୍ତା ଶଶଧର ଦାସ, ରାଧାକାନ୍ତ ସାମଲ, ସରପଂଚ ସ୍ୱପ୍ନାରାଣୀ ରାଉତରା, ସମିତୀ ସଭ୍ୟ ଶ୍ରୀ ଶ୍ରୀଧର ନାୟକ, ପଣ୍ଡିତ ମଦନ ମୋହନ ମିଶ୍ର ଯେଗାଦାନ କରି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ଯୁଗଳ କିଶୋର ପଟ୍ଟନାୟକ, ଶ୍ରୀ ଧିରେନ୍ଦ୍ର ନାଥ ମଲ୍ଲିକ, ଅଭିନେତ୍ରୀ କାନ୍ତା ସିଂ, ସମାଜସେବୀ ଶ୍ରୀ ବସନ୍ତ କୁମାର ଜେନା, ଜିଲ୍ଲା ବ୍ୟୁରୋ ମୁଖ୍ୟ ଶ୍ରୀ ନରେନ୍ଦ୍ର ସାମଲ, ଶିଳ୍ପିଶ୍ରୀ ଅଧକ୍ଷ ଶ୍ରୀ ମୋହିନୀ ମୋହନ ମହାପାତ୍ର, ସଂଗିତ ନିର୍ଦ୍ଦେଶକ ଶ୍ରୀ ସୁବାସ ରାମ, ରୋଟାରିଧାନ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଏବଂ ଶ୍ରୀ ଅମୀୟ ସେଠୀ ନିଜ ନିଜ ପ୍ରତିଭା ପାଇଁ ସମ୍ମାନୀତ ହୋଇଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ କନିଷ୍ଠ ବର୍ଗ କୃତି ଛାତ୍ର, ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ପଣ୍ଡିତ ମଦନ ମୋହନ ମିଶ୍ରଙ୍କ ରଚିତ ନାଟକ "ତୃଷ୍ଣା" ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶିତ, ରାଜକୁମାରଙ୍କ ସଂଗିତ ନିର୍ଦ୍ଦେଶନା ଓ ମିନତୀ ବାରିକଙ୍କ ଦ୍ୱାରା କଣ୍ଠଦାନ ସହ ଅଭିନୟରେ, ଅମୀୟ, ନିର୍ମଳ ଚୌଧୁରୀ, ସାସ୍ୱତ, ପ୍ରଫୁଲ୍ଲ, ଜଡ଼ା, ଅରବିନ୍ଦ, ନାଥିଆ, ବାବି ନାରାୟଣ, ଆଶିଶ୍, ସଂଧାରାଣୀ, ଉର୍ମିଳା ଇତ୍ୟାଦି ଅଭିନୟ କରିବା ସଙ୍ଗେ ସଙ୍ଗେ ନୃତ୍ୟୁଗୁରୁ ନାରାୟଣ ଓ ନାଟ୍ୟ ପରିଚ୍ଛଳନା ଶ୍ରୀ ଅମୀୟ କୁମାର ମହାପାତ୍ର ଓ ଶ୍ରୀ ସ୍ୱରୂପାନନ୍ଦ ମହାପାତ୍ର କରିଥିଲେ। ଅନୁଷ୍ଠାନରେ ସଭାପତି ଶ୍ରୀ ରମାକାନ୍ତ ଗାହାଣ, ଶ୍ରୀ ନାରାୟଣ ଚନ୍ଦ୍ର ପାଢ଼ି, ପ୍ରଦ୍ୟୋତନ ସୁଆର, ଇଁ ଅଶୋକ ପ୍ରସାଦ ମହାନ୍ତି, ଅରବିନ୍ଦ ବେହେରା, ଶ୍ରୀ ବିଜୟ ବହଳି, ଦେବୀ ତନୟା, ବସୁମିତ୍ରା, ପଦ୍ମିନୀ, ଗାୟତ୍ରୀ ଓ ସଂଯୁକ୍ତା ମାନ ପରିଚ୍ଛଳନା କରିଥିଲେ।

# ଶିବାନନ୍ଦ ଆଶ୍ରମରେ କଲ୍ୟାଣକାରୀ ବିଷ୍ଣୁ ମହାଯଜ୍ଞ ଆରମ୍ଭ

କେନ୍ଦ୍ରାପଡ଼ା, ୬/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଂଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞର ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସମାଜର ମଙ୍ଗଳ କାମନା ନିମନ୍ତେ ଏହି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରୀମାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପ୍ରତିବର୍ଷ ଭଳି ଚଳିତବର୍ଷ ସାତଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ମହାଯଜ୍ଞର ପ୍ରଥମ ଦିବସରେ କଳସ ଯାତ୍ରା, ଜଳାଭିଷେକ, ମନ୍ତ୍ରପାଠ, ହୋମ, ହବନ, ଅଗ୍ନିସ୍ଥାପନ, ସମିଦ୍ଧ ଓ ନାମ ସଙ୍କୀର୍ତନ ପ୍ରଭୃତି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳ ସମେତ ଆଖପାଖ ଅଂଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ଐଶ୍ୱରିକ କୃପା ଲାଭ କରିଛନ୍ତି।

# ନୀଳଗିରି ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ




ନୀଳଗିରି, ୬/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ପରିସରରେ ବୁଧବାର ତ୍ରୟଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଉକ୍ତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ଲକର ୨୫ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତି ଯଥା- ଅସ୍ଥିଶଲ୍ୟ ବିଭାଗରେ ୫୭୧ ଜଣ, ଚକ୍ଷୁବିଭାଗରେ ୧୫୦ ଜଣ, ନାସା କର୍ଣ୍ଣ ଓ ଗଳା ବିଭାଗରେ ୨୫୦ ଜଣ, ଏବଂ ମାନସିକ ଅନଗ୍ରସର ବିଭାଗରେ ୧୨୯ ଜଣ ମୋଟ ୧୧୪୦ ଜଣ ଭିନ୍ନକ୍ଷମ ନିଜନିଜର ନାମ ପଞ୍ଜିକରଣ କରିଥିଲେ। ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇ ଯୋଗ୍ୟ ହିତାଧିକାରିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଉପଖଣ୍ଡ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗର ଡଃ ଶୁଭମ ଚୌଧୁରୀ ଓ ଡକ୍ଟର ରଜତ ବେହେରା, ଭେଷଜ ବିଭାଗର ଡକ୍ଟର ଜେ.କେ ଦାସମହାପାତ୍ର, ଆଖି, କର୍ଣ୍ଣ ଓ ଗଳା ବିଭାଗର ଡାକ୍ତର ଗିରିଜା ଶଙ୍କର ମହାନ୍ତି, ଚକ୍ଷୁ ଡାକ୍ତର ସୁଜିତ୍ ନାରାୟାଣ ମହାପାତ୍ର, ଏବଂ ମାନସିକ ଅନଗ୍ରସର ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ପରୀକ୍ଷାନିରୀକ୍ଷା କରାଯାଇ ଭିନ୍ନକ୍ଷମ ଚିହ୍ନଟ କରାଯାଇଥିଲା। ଉକ୍ତ ଶିବିର ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯାଇଥିବା ବେଳେ ଭିନ୍ନକ୍ଷମ ଶିବିର ସଶକ୍ତିକରଣ ବିଭାଗର ଅଧିକାରି ଅଭିଷେକ ମୁକୁଲ ଦେ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସିପେଟ୍, ଭୁବନେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ ପାଇଁ ୩୦ ଜଣ ସ୍ଥାନୀୟ ଯୁବକଯୁବତୀ ପ୍ରାୟୋଜିତ




ରାଉରକେଲା, ୬/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଏହାର ସିଏସ୍ଆର୍ ପ୍ରୟାସର ଅଂଶ ସ୍ୱରୂପ, ଭାରତ ସରକାରଙ୍କ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଅଧିନସ୍ଥ ରାସାୟନିକ ଏବଂ ପେଟ୍ରୋକେମିକାଲ୍ ବିଭାଗ ପରିଚାଳିତ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ)ରେ ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବିକାଶ ତାଲିମ ନେବା ପାଇଁ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ୩୦ ଜଣ ଯୁବକଯୁବତୀଙ୍କୁ ପ୍ରାୟୋଜିତ କରିଛି।

ସେକ୍ଟର ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ ଉତ୍ସବରେ ଆରଏସପିର ପ୍ଲେଟ ମିଲ ବିଭାଗର ସିଜିଏମ ଶ୍ରୀ ଏତୁଆ ଓରାମ ଉକ୍ତ ପାଠ୍ୟକ୍ରମରେ ଯୋଗଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ରୁ ପତାକା ଦେଖାଇ ଯାତ୍ରାରମ୍ଭ କରିଥିଲେ।। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ ଶ୍ରୀ ବିଭାବସୁ ମଲ୍ଲିକ, ଏଜିଏମ ଶ୍ରୀ ଟି.ବି. ଟପ୍ପୋ, ସିପେଟର ପ୍ରତିନିଧି ଶ୍ରୀ ବିଶ୍ୱଜିତ ବେଉରିଆ, ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ହିତାଧିକାରୀଙ୍କ ସହିତ ମତବିନିମୟ କରି ଶ୍ରୀ ଓରାମ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାପର ଓ ଦୃଢଚିତ୍ତ ସହକାରେ ଟ୍ରେନିଂର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସହାୟକ ହେବ।

ଏହି ଅଧିବେଶନରେ ଶ୍ରୀ ବେଉରିଆ ଉକ୍ତ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁଯୋଗ, ଭବିଷ୍ୟତ ବିକଳ୍ପ ଓ ସିପେଟରେ ଉପଲବ୍ଧ ସୁବିଧା ସମ୍ବନ୍ଧରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ସୁଧୀରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ସିଏସଆର ଯୋଜନା ୨୦୨୧-୨୨ ରେ ଆରମ୍ଭ କରାଯାଇଥିଲା ଯାହା ପାର୍ଶ୍ୱାଞ୍ଚଳର ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖିଛି। ଅଦ୍ୟାବଧି ୧୩୦ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ପ୍ରାୟୋଜିତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ସମସ୍ତ ୭୦ ପ୍ରତିଷଦ ଅନୁଷ୍ଠାନର କ୍ୟାମ୍ପସ୍ ଚୟନରେ ବିଭିନ୍ନ କମ୍ପାନୀରେ ଚାକିରି ପାଇଁ ଚୟନୀତ ହୋଇଛନ୍ତି।

ଆରଏସପିର ପୁନର୍ବସତି କଲୋନୀ ଏବଂ ପାର୍ଶ୍ୱାଞ୍ଚଳ ବ୍ଲକରୁ ମନୋନୀତ ହିତାଧିକାରୀଙ୍କୁ ସିପେଟ ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣରେ ୬ ମାସର ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବ। ପ୍ରଶିକ୍ଷଣ କାଳରେ ବିଦ୍ୟାର୍ଥୀମାନେ ସିପେଟ୍ ଅତ୍ୟାଧୁନିକ ପ୍ରୟୋଗଶାଳାମାନଙ୍କରେ ଜଟିଳ ପ୍ଲାଷ୍ଟିକ ବୈଷୟିକ ଜ୍ଞାନକୌଶଳର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ବିଷୟରେ ଶିକ୍ଷାଲାଭ କରିବେ। ଏହି ଯୁବକଯୁବତୀଙ୍କ ସ୍ଥାୟୀ ଜୀବିକା ପାଇଁ ସିପେଟ ର ପ୍ରଶିକ୍ଷଣ ଏବଂ ନିଯୁକ୍ତି ସେଲ୍ ମାଧମରେ ତାଲିମ ପରେ ଉକ୍ତ କାର୍ଯ୍ୟକ୍ରମ ନିୟୋଜନ ସୁଯୋଗ ଉପଲବ୍ଧ କରାଇବ। ଦକ୍ଷତା ବିକାଶ ବ୍ୟତୀତ, ଏହି କାର୍ଯ୍ୟକ୍ରମ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ଉଦ୍ୟୋଗୀ ଦକ୍ଷତା ପ୍ରଦାନ କରିବାରେ ମଧ ସାହାଯ୍ୟ କରିବ। ଏହି ପାଠ୍ୟକ୍ରମ ପାଇଁ ଆରଏସପି ସିଏସଆର ଛାତ୍ରଛାତ୍ରୀଙ୍କ ଆଡମିଶନ ଏବଂ ପାଠ୍ୟକ୍ରମ ଫି, ବହି, ହଷ୍ଟେଲ ଏବଂ ବୋର୍ଡିଂ ଚାର୍ଜ ଇତ୍ୟାଦିର ସମସ୍ତ ଖର୍ଚ୍ଚ ବହନ କରୁଛି। ଅଦ୍ୟାବଧି ଏହି ଯୋଜନା ଅଧୀନରେ ୧୬୦ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି।

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଂଟ୍ରାକ୍ଲବ୍ କ୍ରିକେଟ : ରାଇଜିଂଷ୍ଟାର କ୍ଲବ୍ ବିଜୟୀ

ଖୋର୍ଦ୍ଧା, ୫/୨ (ନି.ପ୍ର): ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଂଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଂଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରୀକ୍ଟ ଅନୁକୁଲ୍ୟ ରେ ତ୍ରୟୋଦଶ ଦିବସ ଖେଳରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ କୁମାରବସ୍ତ ବ୍ଲ୍ୟୁ ବାର୍ଡ କ୍ରିକେଟ କ୍ଲବ୍, ଗୁରୁଜଙ୍ଗ କୁ ୪୭ ରନ ରେ ପରାସ୍ତ କରିଛି। ଟସ୍ ରେ ବିଜୟ ହୋଇ ରାଇଜିଂଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭର ରେ ୮ ଟି ୱିକେଟ୍ ହରାଇ ୧୭୨ ରନ କରିଥିଲେ। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୭୮ ରନ୍ କରିଥିବାବେଳେ ବ୍ଲ୍ୟୁ ବାର୍ଡ ତରଫରୁ ଆଶୁତୋଷ ଜେନା ଓ ରୁଦ୍ର ମଲ୍ଲିକ ୨ ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ବ୍ଲୁ ବାର୍ଡ, ଗୁରୁଜଙ୍ଗ ଦଳ ୨୮.୪ ଓଭର ରେ ସମସ୍ତ ୱିକେଟ୍ ହରାଇ ୧୨୫ ରନ୍ ରେ ସୀମିତ ରହିଥିଲେ। ଗୁରୁଜଂଗ ପକ୍ଷରୁ ଆଶୁତୋଷ ସିଂ ୪୩ ରନ ସଂଗ୍ରହ କରିଥିଲେ ଏବଂ କୁମାରବସ୍ତ ପକ୍ଷରୁ ପ୍ରୀୟାନ୍ସୁ ଦାସ ୪ ଟି ୱିକେଟ ନେଇଥିଲେ। ଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱ ରେ ଥିଲେ। ବ୍ରିଜେଶ ପ୍ରଧାନ ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ୦୫/୦୨/୨୫ ରେ କେ ଟି ଗ୍ଲୋବାଲ କ୍ରିକେଟ କ୍ଲବ୍ ବନାମ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

# ଇସ୍ପାତ କାରଖାନାର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନଜନକ ଡକ୍ଟରେଟ୍ ସମ୍ମାନ ପ୍ରଦାନ




ରାଉରକେଲା: ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବି ପି ୟୁ ଟି), ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ପ୍ରତିଷ୍ଠିତ ଶିଳ୍ପ ନେତୃତ୍ୱ ଶ୍ରୀ ଅତନୁ ଭୌମିକଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ସାଇନ୍ସ (ହନରିସ କୌସା) ସମ୍ମାନରେ ସମ୍ମାନିତ କରିଛି। ବିପିୟୁଟି ଅଡିଟୋରିୟମରେ ଫେବୃଆରୀ ୫ ତାରିଖ ଦିନ ଆୟୋଜିତ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପଟି ଶ୍ରୀ ଭୌମିକଙ୍କୁ ଏହି ସମ୍ମାନଜନକ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ବି ପି ୟୁ ଟି ର କୁଳପତି ପ୍ରଫେସର ଅମୀୟ ରଥ ଙ୍କ ସମେତ ବହୁ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ଭୌମିକ ତାଙ୍କ କୃତିତ୍ୱ ତଥା ବିଜ୍ଞାନ ଏବଂ ବୈଷୟିକ ବିଦ୍ୟାର ଅତୁଳନୀୟ ଅବଦାନ ପାଇଁ ରାଜ୍ୟରେ ଏକ ପ୍ରତିଷ୍ଠିତ ସ୍ଥାନ ହାସଲ ନିମନ୍ତେ ଏହି ସୁନାମଧନ୍ୟ ସମ୍ମାନ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ କାରଖାନାର ଦ୍ୱିତୀୟ ପିଢ଼ି, ଶ୍ରୀ ଅତନୁ ଭୌମିକ ୧୯୮୮ ମସିହାରେ ରାଉରକେଲା ସ୍ଥିତ ତତ୍କାଳୀନ ରିଜିଅନାଲ ଇଞ୍ଜିନିୟରିଂ କଲେଜ ଆର ଇ ସି ତଥା ସାଂପ୍ରତିକ ଜାତୀୟ ବୈଷୟିକ ପ୍ରତିଷ୍ଠାନ (ଏନ ଆଇ ଟି) ରୁ ସେ ମେଟାଲର୍ଜି ବ୍ରାଞ୍ଚରେ ବିଟେକ୍ ଡିଗ୍ରୀ ସମାପ୍ତ କରିବା ପରେ ଆର ଏସ ପି ରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ସେ ୨୦୨୨ ଫେବୃଆରୀ ୧୧ ତାରିଖ ରୁ ୨୦୨୪ ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଆର ଏସ ପି ର ଡିଆଇସି ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ। ସେ ଆହୁରି ମଧ ୨୦୨୩ ଜୁନ୍ ରୁ ୨୦୨୪ ଅପ୍ରେଲ ପର୍ଯ୍ୟନ୍ତବୋକାରୋ ଇସ୍ପାତ କାରଖାନାର ଡିଆଇସି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱରେ, ଆରଏସପି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପନ୍ନ ସମେତ ନିଜର ପରିଚାଳନାଗତ ଉତ୍କର୍ଷତା ଏବଂ ସ୍ଥାୟୀ ପ୍ରୟାସରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲା। ପ୍ରାୟ ୩ ଦଶନ୍ଧିର ଲୌହ ପ୍ରସ୍ତୁତି ଅଭିଜ୍ଞତା ସହିତ ତାଙ୍କୁ ଦେଶର ଶ୍ରେଷ୍ଠ ବ୍ଲାଷ୍ଟ ଫର୍ଣ୍ଣେସ୍ ବୈଷୟିକବିତଙ୍କ ମଧ୍ୟରେ ପରିଗଣନା କରାଯାଏ। ଶ୍ରୀ ଭୌମିକଙ୍କୁ, ବିଜ୍ଞାନ ଏବଂ ବୈଷୟିକ ବିଦ୍ୟାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଅନେକ ଥର ସମ୍ମାନିତ କରାଯାଇଛି। ତାଙ୍କୁ ୨୦୨୨ ମସିହାରେ ଆଇଆଇଏମ-ଟିଏସଏଲ ନ୍ୟୁ ମିଲେନିୟମ୍ ପୁରସ୍କାର ଏବଂ ୨୦୨୪ ମସିହାରେ 'ଇନ୍ସପିରେସନାଲ୍ କର୍ପୋରେଟ୍ ଲିଡର' ସମ୍ମାନ ପ୍ରଦାନ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା-୨୦୨୪

କେନ୍ଦ୍ରାପଡ଼ା, ୬/୨ (ନି.ପ୍ର): ଜଜାଙ୍ଗ କ୍ଲଷ୍ଟରର ନିପୁଣ ଓଡ଼ିଶା-୨୦୨୪ କାର୍ଯ୍ୟକ୍ରମ ଜଜାଙ୍ଗ ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କ୍ଲଷ୍ଟର ସଂଯୋଜିକା ସ୍ନେହଲତା ପରିଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସବିତା ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କପାଳେଶ୍ୱର ପଂଚାୟତର ସରପଂଚ କଳ୍ପନା ମହାନ୍ତି, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ନାୟକ, ଏସ୍ଏମ୍ସିର ସଭାପତି ରଞ୍ଜୁଲତା ସ୍ୱାଇଁ ତଥା ନୂତନ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶେଖ୍ ରିଜୁଆନ ଅତିଥି ପରିଚୟ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ୧୫୦ଜଣ ଛାତ୍ରଛାତ୍ରୀ, ୨୧ଜଣ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଏଥିରେ ଶିକ୍ଷକ ଶେଖ୍ ରଇସୁଦ୍ଦିନ୍, ଶେଖ୍ ସମିମ୍, ଶିକ୍ଷୟତ୍ରୀ ପ୍ରମୋଦା ବିଶ୍ୱାଳ, ସଂଯୁକ୍ତା ପ୍ରଧାନ, ମାନସୀ ସିଂହ, ଅବିନାଶ ଥାଟୋଇ ପ୍ରମୁଖ ସହଯୋଗ କରିଥିଲେ।


# ପ୍ରଫେସର ବୁଲୁ ମହାରଣାଙ୍କ ସିଲ୍ ଘର ଖୋଲି ସିବିଆଇ କଲା ଯାଂଚ

ସମ୍ବଲପୁର, ୫/୨ (ନି.ପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ସାଇନ୍ସ ବିଭାଗ ଫାକଲ୍ଟି ମୁଖ୍ୟ ପ୍ରଫେସର ଡ. ବୁଲୁ ମହାରଣାଙ୍କ ଘରକୁ ପୂର୍ବରୁ ସିବିଆଇ ସିଲ୍ କରିଥିବା ବେଳେ ଆଜି ଉକ୍ତ ସିଲ୍ କୁ ସିବିଆଇର ଏକ ଟିମ୍ ଖୋଲି ପୁନରାୟ ତଦନ୍ତ କରିଛି। ଗତ ଜାନୁଆରି ୧ ତାରିଖରେ କେନ୍ଦ୍ର ଯାଂଚ ବ୍ୟୁରୋ(ସିବିଆଇ) ଏକ ୨ ଜଣିଆ ଅଧିକାରୀଙ୍କ ଦଳ ଆସି ବୁର୍ଲା ଜ୍ୟୋତିବିହାର ସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର କ୍ୟୁଟିଏସ୍-୫କୁ ସିଲ କରି ଦେଇ ଚାଲି ଯାଇଥିଲେ। ପୁଣିଥରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ତାଙ୍କ ଘରେ ପହଂଚି ଯାଂଚ କରିଥିଲେ। ଏନ୍ଏଏସି(ନାକ୍) ରେଟିଂ ବୃଦ୍ଧି ପାଇଁ ଲାଂଚ ମାମଲାରେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଞ୍ଜାମର ଜିଲା ଅନ୍ତରପଡ଼ାର ମୂଳବାସିନ୍ଦା ଡ. ବୁଲୁ ମହାରଣାଙ୍କ ସହ ୬ ନାକ୍ କମିଟି ସଦସ୍ୟଙ୍କୁ ମିଶାଇ ୧୦ ଜଣଙ୍କୁ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି। ଏହି ମାମଲାର ଖୋଳତାଡ଼ ପାଇଁ ମଙ୍ଗଳବାର ପୁଣିଥରେ ସିବିଆଇର ଉକ୍ତ ୨ ଜଣିଆଦଳ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀଙ୍କ ସହ ଆସି ପୂର୍ବରୁ ସିଲଥିବା ଘରକୁ ଖୋଲି ଯାଂଚ କରିଥିଲେ। ଏହି ସମୟରେ ଘରେ ଥିବା ବୁଲୁଙ୍କ ସାନଭାଇ ବିମଲ ମହାରଣାଙ୍କ ଉପସ୍ଥିତିରେ ଘରକୁ ପ୍ରାୟ ଅଢ଼େଇ ଘଂଟାଧରି ତନ୍ନତନ୍ନ କରି ଫେରି ସିବିଆଇ ଯାଂଚକାରୀ ଦଳ ଫେରି ଯାଇଛନ୍ତି। ବୁଲୁଙ୍କ ଭାଇ ବିମଳଙ୍କ କହିବା ଅନୁସାରେ ଘରେଥିବା ତିନୋଟି ଆଲମାରୀରେ ଥିବା କାଗଜପତ୍ରକୁ କେବଳ ଯାଂଚ କରିଥିଲେ। ସାଙ୍ଗରେ କିଛି ନେଇ ନାହାନ୍ତି ବା କିଛି ଜବତ ମଧ୍ୟ କରି ନାହାନ୍ତି ବୋଲି କହିଛନ୍ତି ବିମଳ। ଅପରପକ୍ଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ମଧ୍ୟ ଅନୁରୂପ ଭାବେ ତାଙ୍କୁ ଔପଚାରିକ ସାକ୍ଷାତକାର କରି ବୁଲୁଙ୍କ ଘରେ ଯାଂଚ କରିବାକୁ ଆସିଛନ୍ତି, ସିବିଆଇ ଆଉ କିଛି କହିନାହାନ୍ତି ବୋଲି ସେ କହିଛନ୍ତି। ତେବେ ପ୍ରଫେସର ମହାରଣାଙ୍କୁ ନାକ୍ ଦଳର ସଦସ୍ୟ ତାଲିକାରେ ସାମିଲ କରାଯିବା ପରେ ସେ ଗତ ଜାନୁଆରୀ ୨୮ତାରିଖରୁ ୪ଦିନ ପାଇଁ ଛୁଟିରେ ଯାଇଥିଲେ ବୋଲି କହିଛନ୍ତି କୁଳପତି ପ୍ରଫେସର ମିଶ୍ର।

# ୫କୋଟି ୧୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବ ଓଝାପୋଖରୀ-ସାରଡାଙ୍ଗ ରାସ୍ତା

ଖଇରା, ୬/୨ (ନି.ପ୍ର): ବାଲେଶ୍ୱର ଜିଲାର ଖଇରା-ସିମୁଳିଆ ୨ବ୍ଲକକୁ ସଂଯୋଗ କରୁଥିବା ଓଝାପୋଖରୀ-ସାରଡାଙ୍ଗ ଆର୍‌ଡି ରାସ୍ତାର ଶିଳାନ୍ୟାସ ଉତ୍ସବ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା ୫କୋଟି ୧୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ରାସ୍ତା ଶିଳାନ୍ୟାସ କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ପ୍ରଣତିବାଳା ମାଝୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଦ୍ଧନାଥ ସିଂ, ସହକାରୀ ଯନ୍ତ୍ରୀ ମନୋଜ କୁମାର ସାମନ୍ତ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାଂଶବାଂଶ ନଦୀତଟରେ ସୁରକ୍ଷା ପାଚେରୀ ପାଇଁ ସାରଡାଙ୍ଗ ଗ୍ରାମବାସୀ ବିଧାୟକଙ୍କ ନିକଟରେ ଦାବୀ କରିଥିଲେ।

# ଡାଲଚିନିର ଅଦ୍ଭୁତ ଫାଇଦା: ଏମିତି କରନ୍ତୁ ବ୍ୟବହାର, ରାତିକ ଭିତରେ ଚିକ୍ ଚିକ୍ କରିବ ମୁହଁ !



ରୋଷେଇ ଘରେ ଥିବା ଡାଲଚିନି ରାତାରାତି ଚର୍ମରେ ଆଣିବ ଚମକ । ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡ଼ିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଘରୁ ବାହାରେ ରହିବା ବା ଦିନସାରା ଧାଁ-ଧପଡ ଭିତରେ ଚର୍ମରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପ୍ରଦୂଷଣ ଏବଂ ସୂର୍ଯ୍ୟକିରଣ ଚେହେରାରେ ଟ୍ୟାନିଂ ସୃଷ୍ଟିକରେ, ଯେଉଁ କାରଣରୁ ଚେହେରାର ଚମକ କମିଯାଏ ଏବଂ ଏହା ନିର୍ଜୀବ ଦେଖାଯିବା ଆରମ୍ଭ କରେ। ଏହାକୁ ଠିକ୍ କରିବା ପାଇଁ, ଅନେକ ଘରୋଇ ଉପଚାର ରହିଛି ଯାହାର ସାହାଯ୍ୟ ନିଆଯାଇପାରେ।

ଭାରତୀୟ ରୋଷେଇ ଘରେ ଡାଲଚିନି ଏକ ଅତି ପରିଚିତ ମସଲା। ଏହା ଫେସ୍ ପ୍ୟାକ୍ ଭାବରେ ମଧ ବ୍ୟବହୃତ ହୁଏ। ରୋଷେଇ ଘରେ ଥିବା ଏହି ଡାଲଚିନି ରାତାରାତି ଚର୍ମରେ ଚମକ ଆଣିପାରିବ। ଏହାକୁ କେବଳ ଅନ୍ୟ କିଛି ଜିନିଷ ସହିତ ମିଶ୍ରଣ କରି ପ୍ରୟୋଗ କରିବାକୁ ପଡିବ। ତେବେ ଆସନ୍ତୁ ଏ ନେଇ କିଛି ଟିପ୍ସ ବିଷୟରେ ଜାଣିବା।

ଡାଲଚିନି-ମହୁ : ଡାଲଚିନି ପାଉଡରକୁ ମହୁ ସହିତ ମିଶ୍ରଣ କରି ଆପଣ ମୁହଁରେ ଲଗାଇ ପାରିବେ। ଏହାର ମିଶ୍ରଣ ଚର୍ମକୁ ମଷ୍ଚରାଇଜ୍ କରିଥାଏ ଏବଂ ମୁହଁରେ ପଡୁଥିବା କୁଞ୍ଚନକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌କୁ ମୁହଁ ସହିତ ବେକରେ ମଧ ଲଗାଇବାକୁ ଭୁଲନ୍ତୁ ନାହିଁ।



ଡାଲଚିନି-ଲେମ୍ବୁ ରସ :ଲେମ୍ବୁ ରସକୁ ଡାଲଚିନି ପାଉଡର ସହିତ ମିଶାଇ ଫେସ୍ ପେଷ୍ଟ୍ ପ୍ରସ୍ତୁତ କରନ୍ତୁ। ଚର୍ମକୁ ଚକ୍‌ଚକ୍ କରିବାରେ ଏହି ପେଷ୍ଟ ବହୁତ ସାହାଯ୍ୟକାରୀ। କେବଳ ଏତିକି ନୁହେଁ, ଏହା ଚର୍ମରୁ କଳା ଦାଗ ମଧ ଦୂର କରିଥାଏ।

ଡାଲଚିନି-ଗୋଲାପ ଜଳ : ଡାଲଚିନି ପାଉଡରକୁ ଗୋଲାପ ଜଳରେ ମିଶାଇ ଚର୍ମରେ ଲଗାଇ ପାରିବେ। ଗୋଲାପ ଜଳ ଚର୍ମର ଚଐ ସ୍ତରକୁ ସ୍ୱାଭାବିକ କରିଥାଏ। ଏହା ବ୍ୟତୀତ ଏହାର ମିଶ୍ରଣ ଚର୍ମକୁ ଥଣ୍ଡା କରିଥାଏ ଏବଂ ଚାପକୁ ମଧ ହ୍ରାସ କରିଥାଏ।

ଡାଲଚିନି-ଘିଁକୁଆରୀ : ଚର୍ମ ପାଇଁ ଘିଁକୁଆରୀ ରସ ବହୁତ ଲାଭଦାୟକ। ପ୍ରତ୍ୟେକ ଚର୍ମ ସମସ୍ୟାରେ ଏହା ଉପଯୋଗୀ। ମୁହଁରୁ ବ୍ରଣ ଏବଂ ଟ୍ୟାନିଂ ଦୂର କରିବା ପାଇଁ ଏହା ଘରୋଇ ଉପଚାରରେ ବ୍ୟବହୃତ ହୁଏ। ଯଦି ଚର୍ମ ଶୁଖିଲା ପଡିଯାଉଛି, ତେବେ ଘିଁକୁଆରୀ ଏବଂ ଡାଲଚିନିର ମିଶ୍ରଣ ପ୍ରୟୋଗ କରିହେବ। ଏହା ଚର୍ମକୁ ହାଇଡ୍ରେଟ୍ କରିଥାଏ ଏବଂ ଜ୍ୱଳନରୁ ମୁକ୍ତି ଦେଇଥାଏ।






ଡାଲଚିନି-ଚନ୍ଦନ : ଡାଲଚିନି ଏବଂ ଚନ୍ଦନ ପାଉଡର ମିଶ୍ରଣ କରି ଏହାର ପେଷ୍ଟକୁ ମୁହଁରେ ବ୍ୟବହାର କଲେ ଅନେକ ଫାଇଦା ମିଳେ। ଏହାର ପେଷ୍ଟ ଚର୍ମକୁ ଥଣ୍ଡା କରିଥାଏ ଏବଂ ଏହାକୁ ଚିକ୍କଣ କରିଥାଏ।





# ଘରେ ପ୍ରସ୍ତୁତ କରନ୍ତୁ ସୁଆଦିଆ ଛେନା ମସଲା



କ୍ଷୀର, କଞ୍ଚା ଲଙ୍କା, ଟମାଟୋ କଟା, ପିଆଜ କଟା, ଅଦା ପେଷ୍ଟ୍, ରସୁଣ ପେଷ୍ଟ୍, ଗୋଟା ଜିରା, ଗରମ ମସଲା (ଡାଲଚିନି, ଗୁଜୁରାତି ଓ ଜିରାରେ ପ୍ରସ୍ତୁତ), ରିଫାଇନ୍ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ଲେମ୍ବୁ, ପାଣି ଓ ଧନିଆ ପତ୍ର

ପ୍ରସ୍ତୁତି ପ୍ରଣାଳୀ:ପ୍ରଥମେ ଛେନା ପ୍ରସ୍ତୁତ କରିବା ପାଇଁ ଏକ ପାତ୍ରରେ କ୍ଷୀର ଢାଳି ଚୁଲିରେ ବସାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଫୁଟିଯିବା ପରେ ସେଥିରେ ଲେମ୍ବୁ ରସ ପକାନ୍ତୁ। କ୍ଷୀର ଛିଣ୍ଡି ଛେନା ପ୍ରସ୍ତୁତ ହୋଇଯିବା ପରେ ସେହି ଛେନାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏବେ ଚୁଲିରେ ଏକ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଜିରା ପକାନ୍ତୁ। ତା'ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ବାଦାମି ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚା ଲଙ୍କା ଓ ଟମାଟୋ ପକାଇ ଭାଜନ୍ତୁ। ଏହାପରେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ୍ ପକାଇ ଭଲଭାବେ କଷନ୍ତୁ। ମସଲା କଷି ହୋଇଯିବା ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ ଓ ୨ ମିନିଟ୍ ସେମିତି ଛାଡ଼ି ଦିଅନ୍ତୁ। ମସଲା କଡ଼େଇରେ ନ ଲାଗିବା ପାଇଁ ଅଳ୍ପ ପାଣି ଦେବେ। କିନ୍ତୁ ମସଲା ପାଣିଆ କରିବେନି ଶୁଖିଲା ହିଁ ରଖିବେ। ମସଲା ପ୍ରସ୍ତୁତ ହୋଇଯିବା ପରେ ସେଥିରେ ଛେନାକୁ ଗୁଣ୍ଡକରି ପକାନ୍ତୁ। ତା'ପରେ ତାକୁ ଭଲଭାବେ ଗୋଳାଇ ଦିଅନ୍ତୁ। ମସଲାରେ ଛେନା ଭଲ ଭାବେ ମିଶିଯିବା ପରେ ଚୁଲିରୁ କଡ଼େଇ ଓହ୍ଲାଇ ଦିଅନ୍ତୁ। ତା'ପରେ ତାକୁ ଏକ ପାତ୍ରରେ କାଢ଼ି ଦେଇ ଉପରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ' ଛେନା ମସଲା'। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ ଆପଣାନ୍ତୁ ଏହି ଉପାୟ

**ଘରେ ଶାନ୍ତି ଓ ସମୃଦ୍ଧି ରହିବା ପାଇଁ ସମସ୍ତେ ଚାହାନ୍ତି । ବାସ୍ତୁ ଓ ପୌରାଣିକ ଶାସ୍ତ୍ର ଅନୁଯାୟୀ ନିଜ ଗୃହରେ ବିଭିନ୍ନ ପବିତ୍ର ଦ୍ରବ୍ୟ ବା ଜିନିଷ ବ୍ୟବହାର କରିବା ଦ୍ୱାରା ସବୁବେଳେ ଘରେ ଶାନ୍ତି ବଜାୟ ରହିଥାଏ । ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ କିଏ ବା ନଚାହେଁ । ତେବେ ଆସନ୍ତୁ ଜାଣିବା ଏହି ପବିତ୍ର ଜିନିଷ ବିଷୟରେ-**

ଚନ୍ଦନ: ଚନ୍ଦନକୁ ବହୁତ ଶୁଭ ଏବଂ ପବିତ୍ର ବୋଲି ଧରାଯାଏ। ଏହାର ମହକରେ ବାତାବରଣର ନକରାତ୍ମକ ଶକ୍ତି କମିଯାଇଥାଏ। ସମସ୍ତ ଦେବୀ-ଦେବତାଙ୍କ ପୂଜାରେ ମଧ ଚନ୍ଦନ ବହୁତ ବିଶେଷ ମହତ୍ତ୍ୱ ରଖିଥାଏ। ଚନ୍ଦନର ତିଳକ ଲଗାଇବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହାକୁ ଘରେ ସବୁବେଳେ ରଖିବା ଉଚିତ କାରଣ ସବୁଦିନ ପୂଜା କରିବା ସମୟରେ ଦେବୀ-ଦେବତାଙ୍କୁ ଅର୍ପଣ କରିବା ଉଚିତ।

ବୀଣା: ବୃଦ୍ଧି ଏବଂ ଶିକ୍ଷାର ଦେବୀ ସରସ୍ୱତୀଙ୍କର ପ୍ରିୟ ବାଦ୍ୟ ଯନ୍ତ୍ର ହେଉଛି ବୀଣା। ବୀଣାକୁ ଘରେ ରଖିଲେ ସରସ୍ୱତୀଙ୍କ କୃପା ଘରର ସବୁ ସଦସ୍ୟଙ୍କ ଉପରେ ରହିଥାଏ। ଏଥିସହିତ ଜଟିଳରୁ ଜଟିଳ ସମସ୍ୟାରେ ଧୈର୍ଯ୍ୟ ରଖିବାକୁ ପ୍ରେରଣା ମିଳିଥାଏ।

ମହୁ: ବାସ୍ତୁ ନିୟମ ଅନୁଯାୟୀ ଘରେ ମହୁ ରଖିବା ଦ୍ୱାରା ମଧ ବାସ୍ତୁ ଦୋଷ ଶାନ୍ତ ହୋଇଥାଏ। ଏହାସହିତ ପୂଜାରେ ମହୁ ମଧ ବିଶେଷ ଭୂମିକା ନେଇଥାଏ। ଏହା ସମସ୍ତ ଦେବୀ-ଦେବତାଙ୍କୁ ଅର୍ପଣ କରାଯାଏ। ଯେଉଁ ଘରେ ପ୍ରତିଦିନ ପୂଜା କରାଯାଏ, ସେହି ଘରେ ସବୁବେଳେ ମଧୁରତା ଲାଗିରହିଥାଏ।

ପାଣି: ଯେବେ ବି ଘରକୁ ଅତିଥି ଆସିବେ ତାଙ୍କୁ ଥଣ୍ଡା ପାଣି ଅବଶ୍ୟ ଦେବା ଉଚିତ। ଏମିତି କଲେ ଜାତକରେ ଥିବା ଦୋଷ ଦୂର ହୋଇଥାଏ।



ଘିଅ: ଘରେ ସବୁବେଳେ ଘିଅ ରଖିବା ଉଚିତ ଏବଂ ନିୟମିତ ରୂପରେ ଏହାର ସେବନ କରିବା ଜରୁରୀ। ଘିଅରୁ ଶକ୍ତି ମିଳିଥାଏ ଏବଂ ଶରୀର ସୁସ୍ଥ ରହିଥାଏ। ଘରେ ପ୍ରତିଦିନ ସଂଧ୍ୟାରେ ଘିଅ ଦୀପ ଜଳାଇବା ଉଚିତ। ପୂଜାରେ ଘିଅର ବିଶେଷ ମହତ୍ତ୍ୱ ରହିଛି, ଏଥିପାଇଁ ଏହାକୁ ଘରେ ରଖିଲେ ଶୁଭ ହୋଇଥାଏ ବୋଲି ପରାମର୍ଶ ଦିଆଯାଇଥାଏ।

# ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ କି? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍



କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।

# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ



ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍‌କୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୭ ଫେବୃଆରୀ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଳ ନ ହେଉ ବିଲୟର କାରଣ...

ସୃଷ୍ଟିର ପଞ୍ଚତତ୍ତ୍ୱ ମଧ୍ୟରେ ଜଳକୁ ସର୍ବାଗ୍ରେ ରଖାଯାଇଛି। ଜଳରୁ ସୃଷ୍ଟି ଆମ ଜୀବଜଗତ। ଧର୍ମବିଶ୍ୱାସରେ ଜଳ ଶୁଦ୍ଧତା ଓ ଦେବତା ମାନ୍ୟତା ଦିଆଯାଇଛି। ମାନବ ସଭ୍ୟତାର ପ୍ରାରମ୍ଭ ମଧ୍ୟ ଜଳ ବା ନଦୀକୂଳରୁ ହିଁ ଆରମ୍ଭ ହୋଇଛି। ତେଣୁ ସୃଷ୍ଟି ଓ ସଭ୍ୟତାର ଆଧାର ହେଉଛି ଜଳ। କିନ୍ତୁ ବିଡ଼ମ୍ବନା ହେଉଛି ସେହି ଜଳ ହିଁ ସଭ୍ୟତାର ବିନାଶର କାରଣ ହେବାକୁ ଯାଉଛି। କିଛି ଶତାବ୍ଦୀ ପୂର୍ବରୁ ଜଳକୁ ଆମେ ଯେଉଁଭଳି ଢଙ୍ଗରେ ବ୍ୟବହାର କରୁଥିଲେ, ଜଳ ଉତ୍ସଗୁଡ଼ିକର ସୁରକ୍ଷାକୁ ନିଜର ଦାୟିତ୍ୱ ରୂପେ ଗ୍ରହଣ କରୁଥିଲେ, ସେଥିରେ ଏବେ ଅନେକ ବ୍ୟତିକ୍ରମ ଦେଖାଦେଲାଣି। ପୂର୍ବରୁ ଲୋକେ ଗୋଟିଏ ବୁନ୍ଦା ଜଳ ପାଇଁ ଘରଠାରୁ କାହିଁ କେତେ ବାଟରେ ଥିବା ନଦୀ, ଝରଣା, ହ୍ରଦ ଓ ପୋଖରୀକୁ ଯାଉଥିଲେ। ସେ ଜଳ ମଧ ଥିଲା ବିଶୁଦ୍ଧ, ମଧୁର ଓ ଅମୃତ ସମାନ। ପରେ ଗାଁ ଗହଳିରେ କିଛି ବଡ଼ବଡୁଆ, ଜମିଦାର ଓ ରାଜାରାଜୁଡ଼ା ନିଜସ୍ୱ ଉଦ୍ୟମରେ ଗାଁରେ ପୋଖରୀ, ଗଡ଼ିଆ ଓ କୂଅ ଖନନ କରୁଥିଲେ। ଆମେ ବର୍ତ୍ତମାନ ଆଧୁନିକତା, ସୁଖ, ସାଚ୍ଛନ୍ଦ୍ୟ, ବିଳାସ ବ୍ୟସନ ଓ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଜଳକୁ ଦୂଷିତ ଓ ବିଷବଳୟରେ ପରିପୂର୍ଣ୍ଣ କଲେଣି। ହାଇବ୍ରିଡ ସଂସ୍କୃତି, ପରମ୍ପରା ଓ ପୂଜା ପାର୍ବଣ ନାଁରେ ନଦୀ ଓ ପୋଖରୀକୁ ଦୂଷିତ କଲେଣି। ଯେଉଁ ଗଙ୍ଗାକୁ ଆମେ ପବିତ୍ର ବୋଲି ମାନିଥାଉ, ଯେଉଁ ଗଙ୍ଗାରେ ସ୍ନାନ କଲେ ମଣିଷ ଶହେଜନ୍ମର ପାପରୁ ମୁକ୍ତ ହୁଏ ବୋଲି ବିଶ୍ୱାସ ରହିଛି, ବର୍ତ୍ତମାନ ସେହି ଗଙ୍ଗା ଅପବିତ୍ର ଓ ପ୍ରଦୂଷିତ। ନିକଟରେ ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ୧୦୦ମିଲି ଗଙ୍ଗା ଜଳରେ ଫିକାଲକୋଲିଫର୍ମ ସ୍ତର ୫୪୦ ଅଛି। ଏହି ସ୍ତର ମଣିଷ ଓ ଜୀବଜନ୍ତୁମାନଙ୍କର ମଳ ଓ ପରିସ୍ରାରୁ ନିର୍ଗତ ଅଣୁଜୀବଙ୍କ ଦ୍ୱାରା ପ୍ରଦୂଷଣକୁ ବୁଝାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ଏହି ରାସାୟନିକ ସ୍ତର ୧୦୦ମିଲି ଜଳରେ ୫୦୦ରୁ କମ ହେବା ଆବଶ୍ୟକ। ବୈଜ୍ଞାନିକଙ୍କ ଏକ ତଥ୍ୟ ଅନୁସାରେ ଗଙ୍ଗାଜଳରେ ବାକ୍ଟ୍ରିଓଫୋସ୍ ନାମକ ବ୍ୟାକ୍ଟେରିଆ ରହିଥାଏ, ଯାହା କି ନିଜର ରାସାୟନିକ ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେଉଥିବା ହାନିକାରକ ପଦାର୍ଥକୁ ଖାଇ ନଦୀଜଳର ଶୁଦ୍ଧତା ବଜାୟ ରଖିଥାଏ। କିନ୍ତୁ ଅହେତୁକ ପ୍ରଦୂଷଣ କାରଣ ହେତୁ ଏବେ ଏହି ବ୍ୟାକ୍ଟେରିଆର ଉତ୍ପତ୍ତି ଲୋପ ପାଇବାରେ ଲାଗିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରାଳୟ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ଓଡ଼ିଶାରେ ପ୍ରାୟ ୯୪.୦୨୫ଟି ପୋଖରୀ, ୭୮.୦୭୬ଟି ପାଣିଟାଙ୍କି, ୬୭୯ଟି ହ୍ରଦ ଓ ୧୬୦୬ଟି ରିଜର୍ଭୟରରେ ମଧୁର ଜଳ ଗଚ୍ଛିତ ରହିଛି। ତା' ସହ ୨୪.୮୭୩ କି.ମି ଦୈର୍ଘ୍ୟ ନଦୀଗୁଡ଼ିକରେ ମଧୁର ଜଳ ପ୍ରବାହିତ ହେଉଛି। ବାର୍ଷିକ ହାରାହାରି ୧୬୦୦ ମି.ମି ବୃଷ୍ଟିପାତ ଯୋଗୁଁ ଓଡ଼ିଶାକୁ ଏକ ଜଳସମୃଦ୍ଧ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି। କିନ୍ତୁ ଏହା ଭିତରେ ଆଶ୍ଚର୍ଯ୍ୟ କଲାଭଳି କଥା ହେଲା ଭାରତର ୩୫୧ ଟି ନଦୀ ଅଧିକ ମାତ୍ରାରେ ପ୍ରଦୂଷିତ, ଯାହାଭିତରେ ଓଡ଼ିଶାର ୧୯ଟି ନଦୀ ରହିଛି। ଏହାବାଦ ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟର ଜୀବନରେଖା କୁହାଯାଉଥିବା ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଭଳି ଅନେକ ନଦୀ ଏବେ ବିଲୁପ୍ତ ହେବାକୁ ବସିଲାଣି। ଏହା ଦିନେ ଯେ ଆମ ପାଇଁ ଇତିହାସ ନ ହୋଇଯିବ, ତାହା କିଏ କହିବ? ଜଳ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୧୯୯୩ରୁ ୨୦୧୦ ମସିହା ମଧ୍ୟରେ ମଣିଷ ଦ୍ୱାରା ଅତ୍ୟଧିକ ଭୂତଳ ଜଳ ନିଷ୍କାସନ ଯୋଗୁଁ ପୃଥିବୀର ଅକ୍ଷ ପ୍ରାୟ ୮ ସେଣ୍ଟିମିଟର/ ୩୧.୫ ଇଞ୍ଚ ପୂର୍ବକୁ ଢଳିଛି। ଯାହାଫଳରେ ସମୁଦ୍ର ପତ୍ତନ ମଧ ବୃଦ୍ଧି ପାଇଛି। ପୃଥିବୀର ସନ୍ତୁଳନରେ ପରିବର୍ତ୍ତନ ଦେଖାଯାଇଛି। ସମ୍ପ୍ରତିକ ସ୍ଥିତିରେ ଭାରତର ୪୪୦ ଜିଲ୍ଲାର ଭୂତଳ ଜଳରେ ବିପଦପୂର୍ଣ୍ଣ ନାଇଟ୍ରେଟ୍ର ମାତ୍ରା ଅଧିକ ରହିଛି। ଯାହାମଧ୍ୟରେ ଓଡ଼ିଶାର ୧୫ଟି ଜିଲ୍ଲା ରହିଛି। ଏହା ଶିଶୁ, ଗର୍ଭବତୀ ଓ ପରିବେଶ ପାଇଁ ହାନିକାରକ। ଏହାଛଡ଼ା ଜଳ ପ୍ରଦୂଷଣ ପାଇଁ ଦେଶରେ ପ୍ରାୟ ଗୋଟିଏ ବର୍ଷରେ ୫୮୦ ଜଣ ଲୋକ ମୃତ୍ୟୁବରଣ କରୁଛନ୍ତି। ପୂର୍ବରୁ କଥାରେ ଅଛି ନିଆ ଓ ଜଳକୁ ବିଶ୍ୱାସ ନାହିଁ। ଏହି ସବୁ ତଥ୍ୟକୁ ନଜର କଲେ ଜଣାପଡୁଛି, ଯେଉଁଭଳି ମଣିଷ ପ୍ରାକୃତିକ ସମ୍ପଦ ଜଳ ସହ ଖେଳୁଛି। ଭବିଷ୍ୟତରେ ତା'ର ପ୍ରତିଶୋଧର ଫଳ ଆମେ ଭୋଗିବାକୁ ବାଧ୍ୟ। ୨୦୨୪ ମସିହାରେ ଦୁବାଇ ଓ ଆସାମରେ ହୋଇଥିବା ବନ୍ୟା, କେରଳର ଓ୍ୱାଇନାଡ଼ରେ ହୋଇଥିବା ଭୂସ୍ଖଳନ, ଓଡ଼ିଶାରେ ହୋଇଥିବା ଅଦିନିଆ ବର୍ଷାରେ ଫସଲ ନଷ୍ଟ ଆଦିର ଉଦାହରଣ ଜଳ ଯୋଗୁଁ ବିନାଶର ଗୋଟିଏ ଗୋଟିଏ ସତର୍କ ଘଣ୍ଟି ବୋଲି କୁହାଯାଇପାରିବ।

# ଆମେରିକାର ଆର୍ଥିକ ଯୁଦ୍ଧ ଆରମ୍ଭ



### ସୌମେନ୍ଦ୍ର ଜେନା

ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ନିଜ ନିର୍ବାଚନ ପ୍ରଚାର ସମୟରେ ଶୁଳ୍କ ବୃଦ୍ଧି ପାଇଁ ଯେଉଁ ଘୋଷଣା କରିଥିଲେ ଏବେ ତଦନୁଯାୟୀ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଆମେରିକା ଏବଂ ଆମେରିକାବାସୀଙ୍କ ସ୍ୱାର୍ଥରେ କାମ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଫଳସ୍ୱରୂପ କାନାଡା, ମେକ୍ସିକୋ ଏବଂ ଚୀନ ଉପରେ ଟ୍ରମ୍ପ ଲଗାମ କଷିବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରିଛନ୍ତି । କାନାଡା ଉପରେ ୨୫ ପ୍ରତିଶତ, ମେକ୍ସିକୋ ଉପରେ ୨୫ ପ୍ରତିଶତ ଏବଂ ଚୀନ ଉପରେ ୧୦ ପ୍ରତିଶତ ଶୁଳ୍କ ଆମଦାନୀ ଉପରେ ବସାଇବାକୁ ସେ ଘୋଷଣା କରିଛନ୍ତି । ଏହି ଯୁଦ୍ଧ ଫେଣ୍ଟାନିଲ ନାମକ ନିଶା ବଟିକାକୁ କେନ୍ଦ୍ରକରି ଆରମ୍ଭ ହୋଇଛି । ଏବେ ଆମେରିକାରେ ପ୍ରତିଦିନ ଏହି ନିଶାବଟିକା ଖାଇ ପ୍ରାୟ ୨୦୦ଜଣ ଲୋକ ମୃତ୍ୟୁବରଣ କରୁଛନ୍ତି । ହିସାବରୁ କୁହାଯାଉଛି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଆମେରିକା ଯୁଦ୍ଧଲଢି କୋରିଆ, ଭିଏତନାମରେ ଯେତେ ଲୋକଙ୍କୁ ହରାଇଥିଲା ଏବେ ପ୍ରତିବର୍ଷ ତାଠାରୁ ଅଧିକ ଲୋକ ନିଶାଦ୍ରବ୍ୟ ସେବନକରି ମୃତ୍ୟୁବରଣ କରୁଛନ୍ତି । କୋରିଆ ଯୁଦ୍ଧରେ ୩୬,୫୭୪ ଭିଏତନାମ ଯୁଦ୍ଧରେ ୫୮୨୨୦ ଲୋକଙ୍କୁ ଆମେରିକା ହରାଇଥିଲା ବେଳେ ଗତ ଦୁଇବର୍ଷରେ ଫେଣ୍ଟାନିଲ ପାଇଁ ପ୍ରାୟ ୨ଲକ୍ଷରୁ ଅଧିକ ଆମେରିକୀୟ ମୃତ୍ୟୁବରଣ କରିଛନ୍ତି । ଏହି ବଟିକା ଚୀନରୁ କାନାଡା ଓ ମେକ୍ସିକୋ ବାଟ ଦେଇ ଆମେରିକା ବଜାରରେ ପ୍ରବେଶ କରୁଛି । ଅଧିକ ଯନ୍ତ୍ରଣା ଭୋଗ କରୁଥିବା ରୋଗୀଙ୍କ କଷ୍ଟଲାଘବ ପାଇଁ ଏହି ଔଷଧ ସେବନ କରିବାର ଅନୁମତି ଥିଲେ ହେଁ ବଟିକାର ନିଶାଯୋଗୁ ତାହା ସାଧାରଣ ଲୋକେ ମଧ ବ୍ୟବହାର କରୁଛନ୍ତି । ବଟିକାର କଞ୍ଚାମାଲ ସାଧାରଣତଃ ଚୀନରେ ପ୍ରସ୍ତୁତ ହୋଇ କିଛି ସିଧାସଳଖ ଆମେରିକାକୁ ରପ୍ତାନୀ ହେବା ପରେ ଆଉ କିଛି ଅନ୍ୟ ଦେଶ ମାଧମରେ ରପ୍ତାନୀ ହେଉଛି । କାନାଡା ଓ ମେକ୍ସିକୋ ଆମେରିକାର ଦୁଇ ପଡୋଶୀ ରାଷ୍ଟ୍ର । ଯଥାକ୍ରମେ ଉତ୍ତର ଏବଂ ଦକ୍ଷିଣରେ ରହି ଏହି ଦୁଇ ଦେଶ ଅଧିକ ସୁବିଧା ବାଣିଜ୍ୟରୁ ପାଉଥିଲେ ମଧ ଆମେରିକାର ବୃହତ୍ତର ସ୍ୱାର୍ଥ ପ୍ରତି ଧ୍ୟାନ ଦେଉନଥିବା ଟ୍ରମ୍ପ ଅଭିଯୋଗ କରୁଛନ୍ତି । ଏହି ଦୁଇ ରାଷ୍ଟ୍ରର ସୀମା ଦେଇ ସଂଖ୍ୟାଧିକ ଲୋକ ଆମେରିକାରେ ପ୍ରବେଶ କରୁଥିବାରୁ ସେମାନଙ୍କୁ ଗିରଫ କରି ଗ୍ୱାଣ୍ଟୋନାମୋଠାରେ ଥିବା ନିକାଞ୍ଚନ ବନ୍ଦୀଶାଳାକୁ ପଠାଇବାକୁ ଟ୍ରମ୍ପ ଯୋଜନା ରଖିଛନ୍ତି । ଏହି ବନ୍ଦୀଶାଳାରେ ଆମେରିକା -ବିରୋଧୀ ସନ୍ତ୍ରାସବାଦୀ ଏବଂ ଅପରାଧୀମାନଙ୍କୁ ରଖାଯାଇଛି । ଟ୍ରମ୍ପ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଇତି ମଧ୍ୟରେ କେତେକଙ୍କୁ ସେନା ବିମାନରେ ଆମେରିକାରୁ ବାହାର କରି ପଠାଇଛନ୍ତି । ସେହି କ୍ରମରେ ପ୍ରାୟ ୨୦୦ ଭାରତୀୟଙ୍କୁ ଧରି ଏକ ବିମାନ ଅମୃତସରକୁ ଆସିଥିଲା ।

ଏବେ ଆର୍ଥିକ କ୍ଷେତ୍ରରେ ଆମେରିକା ସରକାର କଠୋର ନୀତି ଗ୍ରହଣ କରିବାକୁ ମନସ୍ଥ କରିଛନ୍ତି । ଇଣ୍ଟରନେସନାଲ ଇମରଜେନ୍ସୀ ଇକୋନୋମିକ ପାୱାର ଆକ୍ଟ ବଳରେ ଟ୍ରମ୍ପ ଆମଦାନୀ ଶୁଳ୍କ ତିନୋଟି ଦେଶ ଉପରେ ଲାଗୁ କରିଛନ୍ତି । କାରଣ ଏହି ତିନୋଟି ଦେଶ ଆମେରିକା ସହ ସର୍ବାଧିକ ବ୍ୟବସାୟ କରୁଥିବା ପ୍ରଥମ ତିନୋଟି ରାଷ୍ଟ୍ର । ଆମେରିକାର ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଭାବେ ବିଲିଅନ ହିସାବରେ ଦେଖିଲେ ମେକ୍ସିକୋ -୪୮.୨୧, ଚୀନ -୩୬.୧୨, କାନାଡା-୩୫.୬୧, ଜର୍ମାନୀ-୧୩.୫୦, ଜାପାନ-୧୨.୪୫, ଦକ୍ଷିଣ କୋରିଆ -୯.୮୨, ଭିଏତନାମ -୯.୬୭, ତାଇୱାନ-୭.୪୨ ଏବଂ ଭାରତ ୭.୦୮ ବିଲିଅନ ଡଲାରର ବାଣିଜ୍ୟ ପ୍ରତିବର୍ଷ କରିଥାନ୍ତି । ଏଥିରେ ଅନେକଗୁଡିଏ ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ କ୍ଷତି ହେଉଛି । ଯେମିତି କାନାଡା ସହ ବାର୍ଷିକ ଆମେରିକାରୁ ରପ୍ତାନୀ ୨୯.୬ ବିଲିଅନ ଡଲାର ଥିଲାବେଳେ ଆମଦାନୀ ୩୫.୮ ବିଲିଅନ ଡଲାର ହେଉଛି, କ୍ଷତି ପରିମାଣ ୫.୮ ବିଲିଅନ ଡଲାର । ସେମିତି ଚୀନ ସହ ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ୧୯୭୯ରୁ ଆରମ୍ଭ ହୋଇଥିଲା । ସେହିବର୍ଷ ଦୁଇଦେଶ ମଧ୍ୟରେ କୂଟନୀତିକ ସଂପର୍କ ସ୍ଥାପନ ହେବାପରେ ବାଣିଜ୍ୟିକ ବୁଝାମଣା ହୋଇଥିଲା । ଫଳତଃ ୪ ବିଲିଅନ ଡଲାର ମୂଲ୍ୟର ବାଣିଜ୍ୟ ସେହିବର୍ଷ ହୋଇଥିଲା, ଯାହା ୨୦୨୨ ବେଳକୁ ବଢି ୭୫୦ ବିଲିଅନ ଡଲାରରେ ପହଞ୍ଚିଥିଲା । ୨୦୦୧ରେ ଚୀନ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟତା ଗ୍ରହଣ କରିବା ପରେ ଆମେରିକା ସହ ବାଣିଜ୍ୟ ବହୁଗୁଣରେ ବଢିଥିଲା । ୨୦୨୨ର ହିସାବକୁ ଦେଖିଲେ ଜଣାପଡିବ ଯେ ଆମେରିକା ଚୀନଠାରୁ ସର୍ବାଧିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ରୟ କରୁଥିଲାବେଳେ କ୍ରମାନ୍ୱୟରେ ଖେଳଣା, ପୋଷାକପତ୍ର, ରାସାୟନିକ ଦ୍ରବ୍ୟ, ଧାତବ ପଦାର୍ଥ, ପ୍ଲାଷ୍ଟିକ ଓ ରବର, ଆସବାବପତ୍ର, ପରିବହନ, ଜୋତା, ଟୋପି ଓ ସ୍କାର୍ଫ, ଉପକରଣ ଆଦି କିଣିଥାଏ । ତେବେ ଇଲେକଟ୍ରିକ୍ ଯାନବାହନ, ସୋଲାର ପ୍ୟାନେଲ ଅନ୍ୟ ପ୍ରଦୂଷଣମୁକ୍ତ ଟେକ୍ନୋଲୋଜୀକୁ ଚୀନ ଆମେରିକାକୁ ରପ୍ତାନୀ କରି ବେଶ୍ ଲାଭବାନ ହେଉଛି । ଚୀନର ଅନେକଗୁଡିଏ ସରକାରୀ କମ୍ପାନୀ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବା ବେଳେ ଅନେକ ସବ୍‌ସିଡି ଲାଭ କରିଥାନ୍ତି । ଯାହା କୌଣସି ବେସରକାରୀ କମ୍ପାନୀ କରିପାରିବ ନାହିଁ କି ପ୍ରତିଦ୍ୱନ୍ଦ୍ୱିତାରେ ରହିପାରିବ ନାହିଁ । ୨୦୦୧ରୁ ୨୦୧୨ ପର୍ଯ୍ୟନ୍ତ ଚୀନରୁ ଆମଦାନୀ ଉପରେ ଆମେରିକା ସରକାରଙ୍କ କିଛିଟା କଟକଣା ରହିଥିଲା ଯାହା ପରବର୍ତ୍ତୀ ସମୟରେ ହଟିବା ହେତୁ ଚୀନ ପାଇଁ ଆମେରିକାର ବଜାର ମୁକ୍ତ ହୋଇଥିଲା । ପରେ ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ରାଷ୍ଟ୍ରପତି ଭାବେ ଚୀନ ଆମେରିକାଠୁ ଅଧିକ ୨୯ ବିଲିଅନ ଡଲାରର ବସ୍ତୁ କ୍ରୟ ପାଇଁ ଚାପ ପ୍ରୟୋଗ କରିଥିଲେ ମଧ ଫଳାଫଳ କିଛି ଲାଭଜନକ ହୋଇନଥିଲା ।

ମେକ୍ସିକୋ ସହ ଆମେରିକାର ବାଣିଜ୍ୟିକ ସଂପର୍କ ବେଶ୍ ସୁଦୃଢ ରହିଛି । ମେକ୍ସିକୋର ସବୁଠ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ହେଉଛି ଆମେରିକା । ଯାନବାହନ, ଯନ୍ତ୍ରପାତି, ଇଲେକଟ୍ରୋନିକ୍ସ, ପେଟ୍ରୋଲିୟମ, ମେଡିକାଲ ଉପକରଣ, ଉଦ୍ୟାନକୃଷି ସାମଗ୍ରୀ ଆଦି ମେକ୍ସିକୋରୁ ଆମେରିକାକୁ ରପ୍ତାନୀ ହୋଇଥାଏ । ଦୁଇରାଷ୍ଟ୍ର ମଧ୍ୟରେ ଉତ୍ତର ଆମେରିକା ମୁକ୍ତ ବାଣିଜ୍ୟ ବୁଝାମଣା (ନାଫ୍‌ତା) ରହିଛି । ୧୯୭୨ରୁ ବିଜ୍ଞାନ ଓ ଟେକ୍‌ନୋଲୋଜୀ ବୁଝାମଣା ମଧ ଦୁଇରାଷ୍ଟ୍ର କରିସାରିଛନ୍ତି । ୨୦୨୨ରେ ଦୁଇରାଷ୍ଟ୍ର ମଧ୍ୟରେ ୮୫୫.୧ ବିଲିଅନ ଡଲାର ମୂଲ୍ୟର ବାଣିଜ୍ୟ ହୋଇଥିଲା । ସେଥିରେ ମେକ୍ସିକୋ ୩୬୨.୦ ବିଲିଅନ ଡଲାର ମୂଲ୍ୟର ଆମଦାନୀ କରିଥିଲାବେଳେ ୪୯୩.୧ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିଥିଲା । ମେକ୍ସିକୋ ସହ ଆମେରିକାର ବାଣିଜ୍ୟିକ କ୍ଷତି ୧୩୧.୧ ବିଲିଅନ ଡଲାର ରହିଥିଲା । ୨୦୨୪ରେ ମେକ୍ସିକୋ ୪୬୦ରୁ ଅଧିକ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରି ଆମେରିକାର ସବୁଠୁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ହୋଇଛି । ଶସ୍ତାରେ ଜମି, ଜଳ, ବିଦ୍ୟୁତ ଏବଂ ଶ୍ରମିକ ଯୋଗାଇ ଦେଇ ମେକ୍ସିକୋ ଆମେରିକାର କମ୍ପାନୀଗୁଡିକ ପାଇଁ ଉତ୍ପାଦନର କେନ୍ଦ୍ର ହୋଇଆସିଛି । ୧୯୯୪ରେ ନାଫତା ବୁଝାମଣା ସ୍ୱାକ୍ଷରିତ ହେଲାପରେ ଦୁଇରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ବହୁତ ବଢିଥିଲା । ୨୦୨୩ରେ ମେକ୍ସିକୋ ଦ୍ରବ୍ୟ ଓ ବସ୍ତୁ ଯୋଗାଣ କରି ଆମେରିକାର ସର୍ବବୃହତ ବାଣିଜ୍ୟ ସହଯୋଗୀ ହୋଇଥିଲା । ଆମେରିକା ଦୈନିକ ମେକ୍ସିକୋରୁ ୮୦୦ ମିଲିଅନ ଡଲାର ମୂଲ୍ୟର ଆମଦାନୀ କରିଥାଏ । ମେକ୍ସିକୋ ସେହିପରି ଦୈନିକ ୭ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଆମେରିକାକୁ ବିକ୍ରି କରିଆସିଛି । ଟ୍ରମ୍ପ ଆରମ୍ଭ କରିଥିବା ଶୁଳ୍କ ସଂଘର୍ଷ ଅଭିଯାନ ପ୍ରାଥମିକ ସ୍ତରରେ ଆମେରିକାକୁ ଲାଭଜନକ ହୋଇପାରିନାହିଁ । କାରଣ କାନାଡା ଏବଂ ମେକ୍ସିକୋ ଆମେରିକାର ନିଷ୍ପତ୍ତିକୁ ବିରୋଧ କରିଛନ୍ତି ।

କାନାଡା ମଧ ଆମେରିକାରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ସମାନ ଢଙ୍ଗରେ ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିବା ପରେ କାନାଡା ବଜାରରୁ ଆମେରିକାର ବସ୍ତୁ ହଟିବା ଆରମ୍ଭ କରିଛି । ଦୋକାନୀମାନେ ନିଜଆଡୁ ଥାକରୁ ଆମେରିକା ବସ୍ତୁ ହଟାଇ ସ୍ଥାନୀୟ ବସ୍ତୁର ବିକ୍ରି ଉପରେ ଜୋର ଦେଇଛନ୍ତି । କାନାଡା ବଜାରରେ "ଆମେରିକା ଆଉଟ" ସ୍ଲୋଗାନ ଶୁଣିବାକୁ ମିଳିଛି । ଲୋକେ ମଧ ନିଜ ଆଡୁ ଆମେରିକାର ବସ୍ତୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଉଛନ୍ତି । ସୋସିଆଲ ମିଡିଆରେ ସାଧାରଣ ଲୋକେ ଏହି ପ୍ରଚାରରେ ସାମିଲ ହୋଇ ଅଭିଯାନକୁ ଜୋର୍ ସୋର୍ କରିଛନ୍ତି । ଫଳରେ ଆମେରିକା ରାଷ୍ଟ୍ରପତି ପଛକୁ ହଟି ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ତିରିଶ ଦିନ ଅଧିକ ସମୟ ନେଇଛନ୍ତି । ସୀମାନ୍ତରେ ଦୁଇ ବିଲିଅନ ଡଲାର ଖର୍ଚ୍ଚ କରି କାନାଡା ସୁରକ୍ଷା ବୃଦ୍ଧି କରିବା ସହିତ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବାକୁ ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦେଇଥିବା ବିଷୟ ଟ୍ରମ୍ପ ପ୍ରକାଶ କରିଛନ୍ତି । ଟ୍ରମ୍ପଙ୍କ ଏହି ତର୍କ ତାଙ୍କ ମୁହଁ ଲୁଚେଇବା ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡିଗଲାଣି ।

ସେମିତି ମେକ୍ସିକୋ ଉପରେ ଟ୍ରମ୍ପଙ୍କ କଟକଣା ପରେ ମେକ୍ସିକୋ ମଧ ଆମେରିକାର ବସ୍ତୁ ଉପରେ ଶୁଳ୍କ ବୃଦ୍ଧି କଟକଣା ଲଗାଇବାକୁ କହିଛି । ତାହା ହେଲେ ଆମେରିକାର କମ୍ପାନୀମାନଙ୍କର ଅଧିକ କ୍ଷତି ହେବ । ଆମେରିକାକୁ ୯୦ ପ୍ରତିଶତ କାର ମେକ୍ସିକୋରୁ ନିର୍ମିତ ହୋଇ ରପ୍ତାନୀ ହୋଇଥାଏ । ମେକ୍ସିକୋରେ ଥିବା ସଂଖ୍ୟାଧିକ କମ୍ପାନୀଗୁଡିକର ମୂଳମାଲିକ ଆମେରିକାବାସୀ ହୋଇଥିବା ହେତୁ ଟ୍ରମ୍ପଙ୍କ ଶୁଳକ୍ ବୃଦ୍ଧି ଯୋଗୁ ସେମାନେ କ୍ଷତିଗ୍ରସ୍ତ ହେବେ । ମେକ୍ସିକୋର ଅଧିକ ଲୋକେ ଆମେରିକା ଭିତରୁ ବାହାରି ଆସିଲେ ଆମେରିକାରେ ଶ୍ରମିକ ସଙ୍କଟ ଦେଖାଦେବ । କାରଣ ଘରୋଇ କାର୍ଯ୍ୟଠାରୁ ଆରମ୍ଭ କରି ଛୋଟମୋଟ କାର୍ଯ୍ୟରେ ଶସ୍ତା ଶ୍ରମିକଙ୍କ ଆବଶ୍ୟକ ହେଉଥିବା ସ୍ଥଳେ ଆମେରିକା ଲୋକେ ଘରୋଇ କାର୍ଯ୍ୟରେ ନିଯୁକ୍ତ ମହିଳା ଏବଂ ଶ୍ରମିକଙ୍କ ଅଭାବ ଅନୁଭବ କରିବେ । ଆମେରିକା ଭିତରୁ ପ୍ରାୟ ୪ କୋଟି ଲୋକଙ୍କୁ ବାହାର କରି ସେମାନଙ୍କ ମୂଳ ଦେଶକୁ ପଠାଇବାକୁ ନିଷ୍ପତ୍ତି ନେଇ ଟ୍ରମ୍ପ କାମ ଆରମ୍ଭ କରିଛନ୍ତି । ଏହା ଫଳରେ ଆମେରିକାର ଅନେକ ରାଜ୍ୟରେ ଶ୍ରମିକଙ୍କ ଅଭାବ ଯୋଗୁ ଉତ୍ପାଦନ ମଧ ମାନ୍ଦା ହେବ ଏଥିରେ ସନ୍ଦେହ ନାହିଁ । ଟ୍ରମ୍ପଙ୍କ ସମାଲୋଚକମାନେ ଆମେରିକା ମଧ୍ୟରେ ଆଗାମୀ ଦିନମାନଙ୍କରେ ହେବାକୁ ଥିବା କ୍ଷତି ସମ୍ବନ୍ଧରେ ଅଧିକ ଆଲୋଚନା କରୁଛନ୍ତି । ଏକଥା ସତ ଯେ ପ୍ରତିଟି କ୍ରିୟାର ପ୍ରତିକ୍ରିୟା ମଧ ରହିଥାଏ। ଆମେରିକାର ଘୋଷଣାକୁ ସବୁ ରାଷ୍ଟ୍ର ଆଖିବୁଜି ମାନି ନେବେ ବୋଲି ମନେ ମନେ ଧରିନେବା ଠିକ୍ ହେବ ନାହିଁ । ଆମେରିକାର ଓପନ ଏଆଇର ଚାଟ୍ ଜିପିଟି ହେଉ କିମ୍ବା ଏଆଇ କ୍ଷେତ୍ର ସବୁଠି ଏବେ ଚୀନର ଡିପ୍‌ସିକ୍ ଆହ୍ୱାନ ସୃଷ୍ଟି କରିଛି । ଏହି ସଂସ୍ଥା ଆମେରିକାର ୧ ଟ୍ରିଲିଅନ ଡଲାର କ୍ଷତି କରିଥିବା କୁହାଯାଉଛି । ତେଣୁ ଅତୀତରେ କମ୍ପାନୀର ସିଇଓ ସାମ୍ ଅଲ୍‌ଟମ୍ୟାନ ଚାଟ୍ ଜିପିଟିକୁ ନେଇ ଯେପରି ଅହଂକାର ପ୍ରକାଶ କରିଥିଲେ ତାହା ଆଉ କରିପାରିବେ ନାହିଁ । ଆମେରିକା ଛଡା ଅନ୍ୟ କେହି ଅତ୍ୟାଧୁନିକ ଜ୍ଞାନ କୌଶଳର ଅଧିକାରୀ ହେବା ସମ୍ଭବପର ନୁହେଁ ବୋଲି ତାଙ୍କର ଯେପରି ଭୁଲଧାରଣା ଥିଲା ତାହା ଏବେ ବଦଳିବାରେ ଲାଗିଛି । ଆମେରିକାର ନିର୍ମାଣ ଓ ଉତ୍ପାଦନ ବିଗତ ଦିନରେ ବାହାର ଦେଶକୁ ଯିବାପରେ ଆମେରିକାବାସୀଙ୍କ ହାତରେ କମ୍ ଉତ୍ପାଦିତ ବସ୍ତୁ ବଜାର ରହିଛି । ଚୀନ ମଧ ଅନ୍ୟ ଦେଶମାନଙ୍କ ପରି ଆମେରିକାରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଶୁଳ୍କ ଲଗାଇବାକୁ ଘୋଷଣା କରିଛି । ଯଦି ଟ୍ରମ୍ପଙ୍କ କଟକଣା ଜାରିରହେ ତେବେ ଆମେରିକା ବଜାରରେ ଅନେକ ସାମଗ୍ରୀର ଅଭାବ ପରିଲକ୍ଷିତ ହେବ । ସାଧାରଣ ଲୋକେ ଅଧିକ କଷ୍ଟ ପାଇଲେ ସେମାନେ ସରକାରଙ୍କ ବିରୋଧୀ ହେବେ ଏଥିରେ ସନ୍ଦେହ ନାହିଁ । ଯେଉଁ ଲୋକ ଗତ ଅଳ୍ପଦିନ ତଳେ ଟ୍ରମ୍ପଙ୍କୁ ସମର୍ଥନ କରି ବିଜୟୀ କରାଇଥିଲେ ଖୁବ୍ କମ୍ ଦିନରେ ସେମାନେ ଟ୍ରମ୍ପଙ୍କ ନୀତି ପାଇଁ ବିରୋଧୀ ହେବାର ସମ୍ଭାବନା ଅଧିକ ରହିଛି । ସୁବିଧାରେ ଥିବା ଆମେରିକାର ଲୋକେ ଅସୁବିଧାକୁ ସାମ୍ନା କରିବା କଷ୍ଟକର ହେବ । ପୂର୍ବରୁ ଟ୍ରମ୍ପ ମନେମନେ ଭାବିନେଇଥିଲେ ଯେ ତାଙ୍କୁ କେହି ସମାଲୋଚନା କରିବେ ନାହିଁ କିମ୍ବା ଶତ୍ରୁ ମନେ କରିବେ ନାହିଁ । ହେଲେ ଗତ ଅଳ୍ପଦିନରେ ବାରମ୍ବାର ଟ୍ରମ୍ପଙ୍କ କଠୋର ମନୋଭାବ ଏବଂ ଘୋଷଣା ପୃଥିବୀର ଅନେକ ରାଷ୍ଟ୍ରଙ୍କୁ ଆମେରିକା ବିରୋଧୀ କରି ଛିଡା କରାଇଛି । ଟ୍ରମ୍ପଙ୍କ ଟାର୍ଗେଟରେ ଥିବା ଦେଶଗୁଡିକ ଆଗାମୀ ଦିନରେ ଟ୍ରମ୍ପ ବିରୋଧୀ ହେବା ସ୍ୱାଭାବିକ । ଏହି ଆର୍ଥିକ ଯୁଦ୍ଧ ଆମେରିକା ପାଇଁ ବିରୁଡି ବସାରେ ହାତ ମାରିବା ପରି ହୋଇଛି ।


ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩


# ଅନେକ ସମସ୍ୟା ଘେରରେ ମହାନଗର



### କାଳୀ ଦାସ

ଗତ କିଛି ବର୍ଷ ପୂର୍ବରୁ ପୋଲିସ ପ୍ରଶାସନଙ୍କ ତରଫରୁ ଗଣମାଧ୍ୟମ ଜରିଆରେ କୁହାଯାଇଥିଲା ଯେ ବୁଲା ପଶୁ ଯଦି ରାସ୍ତା ରେ ଦେଖାଯାଏ ତାହେଲେ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯିବ କିନ୍ତୁ ଏବେ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ମାଲିକଙ୍କ ଉପରେ ନିଆ ଯାଇନି ଯେଉଁଥି ପାଇଁ ସାଧାରଣ ଲୋକଙ୍କୁ ରାସ୍ତାରେ ଗଲା ବେଳେ ବୁଲା ପଶୁଙ୍କ ଦ୍ୱାରା ଅନେକ ସମସ୍ୟାରେ ସମ୍ମୁଖିନ ହେବାକୁ ପଡୁଛି। ବୁଲା ପଶୁ ମଧ ଦୁର୍ଘଟଣାର ଶିକାର ହେଉଛନ୍ତି ଯଦି ପୋଲିସ ପ୍ରଶାସନ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତି ତାହେଲେ ରାସ୍ତାରେ ଯିବା ଆସିବାର ସମସ୍ୟାର ସମାଧାନ ହୋଇପାରନ୍ତା।

ଆମ ଦେଶରେ ବିଭିନ୍ନ ସମୟ ରେ ବିଭିନ୍ନ ସମସ୍ୟା ଦେଖିବା କୁ ମିଳୁଛି କିନ୍ତୁ ବଡ଼ ପ୍ରଶ୍ନ ଉଠିଛି କି କେବେ ଏହି ସମସ୍ୟାର ସମାଧାନ ହେବ। ସେହି ଗୁଡ଼ିକ ମଧ୍ୟରୁ ପ୍ରଥମ ହେଲା ରାସ୍ତାର ସମସ୍ୟା। ରାସ୍ତା ରେ ବୁଲୁ ଥିବା ଗାଈ ଏବଂ ଅନ୍ୟାନ୍ୟ ପଶୁଙ୍କ ପାଇଁ ଦୁର୍ଘଟଣା ଘଟି ଥାଏ। ସ୍କୁଲ କଲେଜ ସାମ୍ନା ରେ ମଦ ଦୋକାନ ଖୋଲିବା ବଡ ସମସ୍ୟା।ଲୋକ ମାନେ ଦିନ ଦୁଇପହର ରେ ମଦ ପି ନିଶା ଶକ୍ତ ଅବସ୍ଥାରେ ଯଦି ବୁଲା ଚଲା କରିବେ ତାହା ନିଶ୍ଚିତ ଭାବରେ ସ୍କୁଲ କଲେଜରେ ପଢୁଥିବା ପିଲାମାନଙ୍କୁ ପ୍ରଭାବିତ କରିବ।

ରାସ୍ତା ନିର୍ମାଣର ସମସ୍ୟା ପ୍ରାୟ ଦେଖିବାକୁ ମିଳୁଛି।

ଭାରତ ସ୍ୱାଧିନତା ପାଇବାର ୭୮ ବର୍ଷ ହେଇଗଲାଣି କିନ୍ତୁ ଦିନକୁ ଦିନ ସମସ୍ୟା ତୀବ୍ର ଗତିରେ ବଢ଼ି ଚାଲିଛି।

ଗତ କିଛି ବର୍ଷ ପୂର୍ବରୁ ପୋଲିସ ପ୍ରଶାସନଙ୍କ ତରଫରୁ ଗଣମାଧ୍ୟମ ଜରିଆ ରେ କୁହାଯାଇଥିଲା ଯେ ବୁଲା ପଶୁ ଯଦି ରାସ୍ତାରେ ଦେଖାଯାଏ ତାହେଲେ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆ ଯିବ କିନ୍ତୁ ଏବେ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ମାଲିକଙ୍କ ଉପରେ ନିଆ ଯାଇନି ଯେଉଁଥି ପାଇଁ ସାଧାରଣ ଲୋକଙ୍କୁ ରାସ୍ତାରେ ଗଲା ବେଳେ ବୁଲା ପଶୁଙ୍କ ଦ୍ୱାରା ଅନେକ ସମସ୍ୟା ରେ ସମ୍ମୁଖିନ ହେବାକୁ ପଡୁଛି। ବୁଲା ପଶୁ ମଧ ଦୁର୍ଘଟଣାର ଶିକାର ହେଉଛନ୍ତି ଯଦି ପୋଲିସ ପ୍ରଶାସନ ପଶୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତି ତାହେଲେ ରାସ୍ତା ରେ ଯିବା ଆସିବାର ସମସ୍ୟାର ସମାଧାନ ହୋଇପାରନ୍ତା।

ମଦ ଦୋକାନ ସମସ୍ୟାର ସମାଧାନ ପାଇଁ ଯଦି ପ୍ରଶାସନ ମଦ ଦୋକାନର ମାଲିକ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ଏବଂ ଭାରି ମାତ୍ରରେ ଜୋରିମାନା ଆଦାୟ କରିବେ ତାହେଲେ ସ୍କୁଲ କଲେଜ ଯାଉଥିବା ଛାତ୍ର ଏବଂ ଛାତ୍ରୀ ନିଶ୍ଚିତ ଭାବରେ ଉପକୃତ ହେବେ କିନ୍ତୁ ଏହି ସମସ୍ୟାର ସମାଧାନ ହୋଇପାରୁନି।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଫୁଟପାଥରେ ଲୋକ ଗାଡ଼ି ଚଳେଇବାର ସମସ୍ୟା ବହୁ ଦିନ ହେଲା ଦେଖିବାକୁ ମିଳୁଛି କିନ୍ତୁ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ । ଏହି ସମସ୍ୟାର ମୁଖ୍ୟ କାରଣ ପୋଲିସ ପ୍ରଶାସନର ନିରବତା ବା ଅବହେଳା। ଫୁଟପାଥ ରେ ଗାଡି, ୨ ଚକିଆ ଯାନ ଚାଲିବା ଦ୍ୱାରା ଫୁଟପାଥ ରେ ଚାଲୁଥିବା ଲୋକଙ୍କ ପାଇଁ ନିରାପଦ ହୋଇ ପାରୁନାହିଁ। ଫୁଟପାଥରେ ଗାଡି ଚଲାଉଥିବା ଲୋକମାନଙ୍କ ଉପରେ ପୋଲିସ ପ୍ରଶାସନ ଯଦି କାର୍ଯ୍ୟାନୁଷ୍ଠାନ ନିଅନ୍ତି ତା ହେଲେ ସାଧାରଣ ଲୋକ ଉପକୃତ ହେବେ। ଯେହେତୁ ପୋଲିସ ପ୍ରଶାସନ ଠିକ ଢଙ୍ଗରେ କାମ କରୁନାହାନ୍ତି ଯେଉଁଥିପାଇଁ ସାଧାରଣ ଲୋକଙ୍କୁ ହନ୍ତ ସନ୍ତ ହେବାକୁ ପଡୁଛି ।


ବ୍ରହ୍ମପୁର,

ଖୋଡାସିଂ କଳିଙ୍ଗନଗର,

ମୋ: ୭୨୦୫୨୦୦୮୩୯





## ଭୋକ

### ରବି କୁମାର ମହାନ୍ତି



ରାତି ପାହିଲେ ନିଦ ଭାଂଗେ ମାଟିର
ନିଦ ଭାଂଗେ ବାସି ବିଛଣାରେ
କଡ଼ ଲେଉଟଉ ଥିବା ଦେହର
ନିଦ ଭାଙ୍ଗିଲେ ଚେଇଁ ଉଠେ ଭୋକ
ଖରା ସହ ତାଳ ଦେଇ
କ୍ରମଶଃ ଲମ୍ବି ଯାଉଥାଏ
ଭୋକର ଛାଇ
ପେଟରୁ ମନକୁ
ମନରୁ ପ୍ରାଣକୁ
ପିଣ୍ଡରୁ ବ୍ରହ୍ମାଣ୍ଡକୁ
ଅଗଣା ଡେଇଁ ଅନାଲୋଚିତ
ଖାଁ ଖାଁ ଗୋପ ଦାଣ୍ଡକୁ

ରାସ୍ତା କଡ ନର୍ଦ୍ଦମା କୂଳରେ
ଭୋକର ଦରଦୀ ଛବି
ଫୋପଡା ଠୁଙ୍ଗାରୁ ଅଇଁଠାକୁ
ମହାପ୍ରସାଦ ଭାବି
କିଏ ଗୋଟାଉ ଥାଏ ନିକାଞ୍ଚନରେ
ଭୋକ

ରାସ୍ତାର ଆର ପାଖରେ କେଉଁଠି
ନୁଆଁଣିଆ ଗଛ ଡାଳରେ
ଓହଳି ଥାଏ
ଚମଡା ଛେଲା ଛେଳିର
କବନ୍ଧ
କଂସେଇ ଥୋଇ ଥାଏ ପାଖରେ
ଛେଳିର ଶୂନ୍ୟ ଅନ୍ତ ବୁଜୁଳା
ଭୋକ ଶୁଖି ଯାଇ ଥାଏ ବୁନ୍ଦେ ରକ୍ତ
ହେଇ, ସେଠି, ଅଥଚ
ଆଉ କାହାର ଭୋକର ନିଆଁ
ନିର୍ବାପିତ କରିବାକୁ
ତୁଚ୍ଛା ଫୁଙ୍ଗୁଳା ଦେହଟା
ପଡ଼ି ଥାଏ ଲୋଟି

କଂସେଇ ଘରେ ଭୋକିଲା ସଂସାର
ଫଡିଆ, କଲିଜା ଆଉ
ଛେଳି ଛାତିର ନରମ ମାଂସ
ସଂଜ ଆଗରୁ କଟି ଗଲେ
ଭୋକିଲା ଅସୁର ମାନଙ୍କ
ନିରାଜନା
ସନ୍ତୁଷ୍ଟ ହେବେ ଗରାଖ ଈଶ୍ୱର
ଏବଂ
ପୁରି ପାରିବ ତା ଚାରି ପ୍ରାଣୀଙ୍କ
ଅଭୁଞ୍ଜା ଉଦର

ବେଶି କିଛି ପଚାରନା କାହାକୁ
ନରମ ସକାଳର କଥା
ପାଦ ସଳଖି ଠିଆ ହେଇ ପାରୁନଥିବା
ପ୍ରେମୀକପଣକୁ
ଶୁଣାଅନା ବିରହର ବ୍ୟଥା
କାହାକୁ ବାରମ୍ବାର ଅନ୍ତସତ୍ତ୍ୱା ହେବାର
ଭୋକ
କାହାକୁ ଗୋଟିଏ ପରେ ଗୋଟିଏ
ସମ୍ଭାବନା ମାନଙ୍କୁ
ନିଧନ କରିବାର ଶୋଷ
ପଚାରନା ଆକାଶକୁ
ସବୁ ରଂଗ ଥାଇ
କାହିଁକି ହୁଏ ସେ ନୀଳ ନୀଳ ବେଶ


ମାତୃ ନୀଡ଼

କମାରିଆ, ଜି, ଭଦ୍ରକ

ମୋ: ୭୦୬୪୭୭୮୨୪୭


## କୋଣାର୍କ

### ନେନାରୋଜି ପଧାନ

କବିତାର କୋଣାର୍କଟେ ଗଢିବାର
ଇଚ୍ଛା
କେଉଁ କାଳରୁ ଅଛି
ଖଞ୍ଜିବାର ଅଛି କଳା ମୁଗୁନି ପଥରର
ଥାକଥାକ ଶବ୍ଦ
ଯେଉଁ ଶବ୍ଦ ସବୁ କହିବେ କଥା ବ୍ୟଥା
ଲୁହ ଲହୁର ଗାଥା
ଆଉ ବି କହିବେ ଓଃ କି ଯନ୍ତ୍ରଣା ହୁଏ
ସ୍ୱପ୍ନ ଦେଖିବାର ଲାଳସାରେ !
ସେ ଭଗ୍ନସ୍ତୁପର କାରୁକାର୍ଯ୍ୟ ବଖାଣି
ପାରେ
ବର୍ଷ ବର୍ଷର ମହାନୁଭବ
ମୁକ ପରି ଅସ୍ଥିର ପଡ଼ିଥିଲେ ମଧ
ଶୁଣେଇ ପାରେ
କେତେ ପ୍ରେମିକା ହୃଦୟର ଆତୁରତା
ତ୍ୟାଗ କରିଥିବା ଜୀବନ ଯାକର ମମତା
ସେ ଖୋଦିତ ସବୁ ପଥର ଜିଁ
ଉଠିଲେ ବି
କହିପାରିବେ ନାହିଁ କେମିତି ହୋଇଥାଏ
ଲୁହ ବହଳିଆ
ରକ୍ତ ଓ ଜୀବନ ପାଣି ପରି ରଙ୍ଗ ହିନ !
କବିତା ମାନେ ସଂଘର୍ଷ କରନ୍ତି, ପ୍ରସ୍ଫୁଟିତ
ହେବାପାଇଁ
କିନ୍ତୁ କୋଣାର୍କ ତପସ୍ୱୀ ଋଷି ପରି
ଅବିଚଳିତ ଓ ସ୍ଥିର
କୋଟି କୋଟି ଲୋକଙ୍କ ପ୍ରାଣ ବିଚଳିତ
କରିବା ଲାଗି
ତା ମୌନତା ହିଁ ଯଥେଷ୍ଟ ।
କବିତାର କୋଣାର୍କଟେ ଗଢିବାର
ଇଚ୍ଛା
କେଉଁ କାଳରୁ ଅଛି
ଖଞ୍ଜିବାର ଅଛି କଳା ମୁଗୁନି ପଥରର
ଥାକ ଥାକ ଶବ୍ଦ
ଗୋଟିଏ ଭଲ କବିତା ପାଇଁ ନିପୁଣ
ହେବାକୁ
ଅଛି କି ଆଉ ଅନେକ ସମୟ ଓ
ବର୍ଷ ?
ନା ଏଠି ବିଶୁ ଟିଏ ଲୋଡା ହେଉଛି
ମୁଣ୍ଡି ମାରିବା ପାଇଁ
କିନ୍ତୁ ବିଶୁଟିଏ ପାଇବା ଏ ଯୁଗରେ
ଅସମ୍ଭବ ।


ସି ଡ଼ି ଏ କଟକ

# ଆହତ ରଶ୍ମିକାଙ୍କ ସହ ବିଜୟ ଦେବରକୋଣ୍ଡାଙ୍କ ବ୍ୟବହାର ନେଇ ୟୁଜର୍ସ ଅସନ୍ତୁଷ୍ଟ



ରଶ୍ମିକା ମନ୍ଦାନାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଆହତ ହେବା ସତ୍ତ୍ୱେ ସେ ଛାୱା ଚଳଚ୍ଚିତ୍ରର ଟ୍ରେଲର ଲଞ୍ଚରେ ପହଞ୍ଚିଥିଲେ। ଦର୍ଶକ ତାଙ୍କ ସାହସକୁ ପ୍ରଶଂସା କରିଥିଲେ। ରଶ୍ମିକା ମନ୍ଦାନା ଏବଂ ତାଙ୍କ କଥିତ ପ୍ରେମିକ ବିଜୟ ଦେବରକୋଣ୍ଡାଙ୍କ ଏକ ଭିଡିଓ ଏବେ ଭାଇରାଲ ହେଉଛି। ଯେଉଁଥିରେ ବିଜୟ ଦେବରକୋଣ୍ଡା ଆହତ ରଶ୍ମିକା ମନ୍ଦାନାଙ୍କୁ ସାହାଯ୍ୟ ନକରି ସିଧାସଳଖ ଯାଇ କାରରେ ବସୁଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ଏବେ ୟୁଜରମାନେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ସମାଲୋଚନା କରାଯାଉଛି। ଯଦିଓ ରଶ୍ମିକା ଏବଂ ବିଜୟ ଦେବରକୋଣ୍ଡା ସେମାନଙ୍କ ସମ୍ପର୍କକୁ ସାର୍ବଜନୀନ କରିନାହାନ୍ତି। ତେବେ ଏହା କାହାଠାରୁ ଲୁଚି ରହିନାହିଁ ଯେ, ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କିଛି ଦିନ ପୂର୍ବେ, ରଶ୍ମିକାଙ୍କ ଗୋଡରେ ଆଘାତ ଲାଗିଥିଲା। ତାଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ, ସେ ଆଗାମୀ ଫିଲ୍ମ 'ଛାୱା'ର ଟ୍ରେଲର୍ ଲଞ୍ଚରେ ଭିକି କୌଶଳଙ୍କ ସହ ଦେଖାଯାଇଥିଲେ। କିନ୍ତୁ ଏବେ ବିଜୟ ଦେବରକୋଣ୍ଡାଙ୍କ ସହିତ ତାଙ୍କର ଭିଡିଓ ଭାଇରାଲ ହେଉଛ। ଛାୱା ଟ୍ରେଲର୍ ଲଞ୍ଚରେ ସମସ୍ତେ ରଶ୍ମିକାଙ୍କୁ ସାହାଯ୍ୟ କରୁଥିବାର ଦେଖାଯାଇଥିଲା କିନ୍ତୁ ବିଜୟ ଦେବରକୋଣ୍ଡା ତାଙ୍କୁ ସାହାଯ୍ୟ କରି ନଥିଲେ। ଭିଡିଓରେ ଦେଖାଯାଉଛି, ରଶ୍ମିକା ୱାକର ସାହାଯ୍ୟରେ ଚାଲୁଛନ୍ତି ଏବଂ ବିଜୟ ଦେବରକୋଣ୍ଡା ତାଙ୍କୁ ସହାୟତା ନକରି ସିଧା ଯାଇ କାରରେ ବସୁଛନ୍ତି। ରଶ୍ମିକାଙ୍କ ପ୍ରତି ବିଜୟ ଦେବରକୋଣ୍ଡାଙ୍କ ଏହି ଉଦାସୀନତାକୁ ଲୋକମାନେ ପସନ୍ଦ କରିନାହାନ୍ତି। ସୋସିଆଲ ମିଡିଆରେ ୟୁଜରମାନେ ବିଜୟ ଦେବରକୋଣ୍ଡାଙ୍କ କାର୍ଯ୍ୟକୁ ସମାଲୋଚନା କରୁଥିବାର ଦେଖାଯାଇଛି। ଜଣେ ୟୁଜର ଲେଖିଛନ୍ତି, ସେ ସାହାଯ୍ୟ ମଧ କଲେ ନାହିଁ ଏବଂ ସିଧା ଗାଡ଼ିରେ ବସିଗଲେ। ଅନ୍ୟ ଜଣେ ଲେଖିଛନ୍ତି, ଭାଇ ତୁମର ସାହାଯ୍ୟ କରିବା ଉଚିତ୍ ଥିଲା। ଏପରି ପରିସ୍ଥିତିରେ, ଏହା କୁହାଯାଇପାରେ ଯେ, ରଶ୍ମିକା ଏବଂ ବିଜୟ ଦେବରକୋଣ୍ଡାଙ୍କୁ ଦେଖି, ସେମାନଙ୍କ ଯୋଡ଼ିକୁ ସର୍ବଦା ପ୍ରଶଂସା କରାଯାଉଥିଲା, କିନ୍ତୁ ଏବେ ବିଜୟ ଦେବରକୋଣ୍ଡାଙ୍କୁ ସମାଲୋଚନା କରାଯାଉଛି।



# ଫେବୃଆରିରେ ମୁକ୍ତିଲାଭ କରୁଛି ଏହି ୪ ପୁରୁଣା ରୋମାଣ୍ଟିକ ଫିଲ୍ମ: ଜାଣନ୍ତୁ ଦିନ ଏବଂ ତାରିଖ

ଫେବ୍ରୁଆରି ମାସକୁ ପ୍ରେମର ମାସ ମଧ୍ୟ କୁହାଯାଏ, କାରଣ ଏହି ମାସରେ ଭାଲେଣ୍ଟାଇନ୍ସ ଡେ ପଡ଼େ। ସମ୍ପୂର୍ଣ୍ଣ ଗୋଟିଏ ସପ୍ତାହ ପାଇଁ ବିଭିନ୍ନ ଉପାୟରେ ଲୋକେ ନିଜର ପ୍ରେମ ଭାବନାକୁ ପ୍ରକାଶ କରିଥାନ୍ତି। ଏହାକୁ ଧ୍ୟାନରେ ରଖି, କିଛି ବଲିଉଡ୍ ଫିଲ୍ମ ମଧ୍ୟ ପୁଣିଥରେ ଥିଏଟରରେ ରିଲିଜ୍ ହେଉଛି, ଯାହା ଦ୍ୱାରା ଦର୍ଶକ ଏହି ଫିଲ୍ମଗୁଡ଼ିକୁ ସେମାନଙ୍କ ସାଥୀଙ୍କ ସହିତ ଦେଖିପାରିବେ। ଏହି ତାଲିକାରେ ଚାରୋଟି ଭିନ୍ନ ଭିନ୍ନ ଯୁଗର ସୁପରହିଟ୍ ଫିଲ୍ମ ଅନ୍ତର୍ଭୁକ୍ତ, ଯାହା ବଲିଉଡର ପ୍ରତୀକାତ୍ମକ ଫିଲ୍ମ।

ଫେବ୍ରୁଆରି ମାସରେ ପାଗ ବହୁତ ଭଲ ଥାଏ ଏବଂ ଏହା ଭାଲେଣ୍ଟାଇନ୍ସ ସମୟ, ତେଣୁ ଏହା ପ୍ରେମିକପ୍ରେମିକମାନଙ୍କ ପାଇଁ ସର୍ବୋତ୍ତମ ସମୟ। ଏହି ସମୟଟି ସିନେମା ପ୍ରେମୀଙ୍କ ପାଇଁ ମଧ୍ୟ ବିଶେଷ ହେବାକୁ ଯାଉଛି କାରଣ ସେମାନଙ୍କ ମନୋରଞ୍ଜନ ପାଇଁ କିଛି ପୁରୁଣା ସିନେମା ଥିଏଟରରେ ପୁନଃ ମୁକ୍ତିଲାଭ କରୁଛି।

*'ଆରାଧନା' (୧୯୬୯)*

୧୯୬୯ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ଆରାଧନା' ଶକ୍ତି ସାମନ୍ତଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ରାଜେଶ ଖାନ୍ନା ଏବଂ ଶର୍ମିଲା ଟାଗୋରଙ୍କ ଏହି ଫିଲ୍ମଟି ବ୍ଲକବଷ୍ଟର ପ୍ରମାଣିତ ହୋଇଥିଲା ଏବଂ ଏହାର ଗୀତଗୁଡ଼ିକ ଆଜି ମଧ ପ୍ରସିଦ୍ଧ। ଏହି ଫିଲ୍ମଟି ଫେବ୍ରୁଆରି ମାସର ଶେଷ ଦିନରେ ଅର୍ଥାତ୍ ୨୮ ଫେବୃଆରୀରେ ପିଭିଆର-ଆଓନେକ୍ସରେ ମୁକ୍ତିଲାଭ କରିବ।

*'ଆୱାରା' (୧୯୫୧)*


୧୯୫୧ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଆୱାରା, ରାଜ କପୁର ଏବଂ ନର୍ଗିସ ଅଭିନୀତ ଏକ ସୁପରହିଟ୍ ଫିଲ୍ମ ଥିଲା। ଏବେ ଦର୍ଶକ ଏହାକୁ ପୁଣି ଥରେ ଥିଏଟରରେ ଦେଖିପାରିବେ। ଫିଲ୍ମ ଆୱାରା ୨୧ ଫେବ୍ରୁଆରିରେ ଆଇନକ୍ସ-ପିଭିଆରରେ ମୁକ୍ତିଲାଭ କରିବ।

*'ସିଲସିଲା' (୧୯୮୧)*

ୟଶ ଚୋପ୍ରାଙ୍କ ୧୯୮୧ ମସିହାରେ ନିର୍ମିତ ଚଳଚ୍ଚିତ୍ର ସିଲସିଲା ୭ ଫେବ୍ରୁଆରିରେ ସିନେମା ହଲରେ ପୁନଃ ମୁକ୍ତିଲାଭ କରୁଛି। ଏଥିରେ ଦର୍ଶକ ରେଖା, ଅମିତାଭ ବଚ୍ଚନ ଏବଂ ଜୟା ବଚ୍ଚନଙ୍କ ତ୍ରିକୋଣୀୟ ପ୍ରେମ କାହାଣୀ ଦେଖିବାକୁ ପାଇବେ।

*'ଚାନ୍ଦନୀ' (୧୯୮୯)*

୧୯୮୯ ମସିହାରେ ଆସିଥିବା ଚଳଚ୍ଚିତ୍ର ଚାନ୍ଦନୀର ନିର୍ଦ୍ଦେଶନା ୟଶ ଚୋପ୍ରା ଦେଇଥିଲେ। ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ରିଷି କପୁର ଏବଂ ଶ୍ରୀଦେବୀ ଅଭିନୟ କରିଥିଲେ, ଯେତେବେଳେ ବିନୋଦ ଖାନ୍ନା ଫିଲ୍ମରେ ଦ୍ୱିତୀୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏହା ଏକ ମହାନ ଫିଲ୍ମ ପ୍ରମାଣିତ ହୋଇଥିଲା। ଯେତେବେଳେ ଦର୍ଶକମାନେ ଏହାର ଗୀତଗୁଡ଼ିକୁ ଏବେ ବି ପସନ୍ଦ କରନ୍ତି। ୟଶ ଚୋପ୍ରାଙ୍କ ସବୁଠାରୁ ରୋମାଣ୍ଟିକ ପ୍ରେମ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର ଚାନ୍ଦନୀ, ଫେବ୍ରୁଆରି ୧୪ରେ ପ୍ରେକ୍ଷାଳୟରେ ପୁନଃ ମୁକ୍ତିଲାଭ କରିବ।










# ତୃତୀୟ ବିବାହ କରିବେ କି ଆମୀର୍ ?: କିଏ ସେହି ରହସ୍ୟମୟୀ ଯୁବତୀ!

ବଲିଉଡର ଜଣେ ନିଖୁଣ ଅଭିନେତା ଭାବେ ଆମୀର ଖାନ୍ ବେଶ୍ ଜଣାଶୁଣା। ହିନ୍ଦୀ ସିନେମା ଜଗତକୁ ଗୋଟାଏ ପରେ ଗୋଟାଏ ହିଟ୍ ସିନେମା ଦେବା ପାଇଁ ଆମୀର ଯେତିକି ଜଣାଶୁଣାନିଜ ବ୍ୟକ୍ତିଗତ ଜୀବନକୁ ବି ନେଇ ସେ ସେତିକି ଚର୍ଚ୍ଚିତ। ଏବେ ଆମୀର ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ଜଣେ ରହସ୍ୟମୟୀ ଯୁବତୀଙ୍କ ପାଇଁ। ପୂବରୁ ଦୁଇ ଦୁଇ ଥର ବିବାହ କରି ଛାଡ଼ପତ୍ର ଦେଇ ସାରିଥିବା ଆମୀର କୁଆଡ଼େ ଏବେ ତୃତୀୟ ଜଣଙ୍କୁ ଡେଟ୍ କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ତେବେ କିଏ ସେହି ରସହ୍ୟମୟୀ ଯୁବତୀ। ବଲିଉଡ୍‌ର ନା ବାହାରର ଆମ ନିକଟରେ ଯେତିକି ଖବର ରହିଛି, ଆମୀରଙ୍କୁ ଡେଟ୍ କରୁଥିବା ଯୁବତୀଙ୍କର ସୋବିଜ୍ ସହ



କୌଣସି ସଂପର୍କ ନାହିଁ। ତେବେ ଏତିକି ଜାଣିବାକୁ ମିଳିଛି ଯେ ଯୁବତୀ ଜଣକ ହେଉଛନ୍ତି ବେଙ୍ଗାଲୁରୁର ବାସିନ୍ଦା ଗୌରୀ। ଏପରିକି ଆମୀର ନିଜ ଲେଡି ଲଭ୍‌କୁ ପରିବାର ଲୋକଙ୍କ ସହ ଭେଟ ବି କରାଇ ସାରିଛନ୍ତି। ହେଲେ ସେ ଏବେ ଏହି ସଂପର୍କକୁ ସର୍ବସାଧାରଣରେ ଖୁଲାସା କରିବାକୁ ପ୍ରସ୍ତୁତ ନାହାନ୍ତି। ତେବେ ଆମୀର ପୂର୍ବରୁ ୧୯୮୬ ମସିହାରେ ରୀନା ଦତ୍ତାଙ୍କ ସହ ବିବାହ କରିଥିଲେ। ତାଙ୍କର ୨ ପିଲା ଅଛନ୍ତି। ୨୦୦୨ ମସିହାରେ ତାଙ୍କ ସହ ଛାଡ଼ପତ୍ର ହୋଇଗଲା। ତା'ପରେ ୨୦୦୫ରେ ଅଭିନେତା ସିନେ ନିର୍ମାତା କିରଣ ରାଓଙ୍କୁ ବିବାହ କଲେ। ସେମାନଙ୍କୁ ୨୦୨୧ ମସିହାରେ ଛାଡ଼ପତ୍ର ହୋଇଛି। ଦୁହିଁଙ୍କର ଏକ ପୁଅ ବି ଅଛି।

# ଆଜି ଓଟିଟିରେ ରିଲିଜ୍ ହେବ ରାମ ଚରଣ- କିଆରାଙ୍କ 'ଗେମ୍ ଚେଞ୍ଜର'



ସାଉଥ ସୁପରଷ୍ଟାର ରାମ ଚରଣ ଏବଂ କିଆରା ଆଡଭାନୀଙ୍କ ଫିଲ୍ମ 'ଗେମ୍ ଚେଞ୍ଜର' ବକ୍ସ ଅଫିସରେ କିଛି ଦିନ ତଳେ ରିଲିଜ୍ ହୋଇଥିଲା। ହେଲେ ଏହା କୌଣସି ଛାପ ଛାଡ଼ି ପାରିଲା ନାହିଁ। ବକ୍ସ ଅଫିସରେ ନିରାଶ କରିବା ପରେ ଏବେ ଓଟିଟିରେ ରିଲିଜ୍ ହେବ ଏହି ଫିଲ୍ମ। ଏହା ଚଳଚ୍ଚିତ୍ର ନିର୍ମାତା ଏସ ଶଙ୍କରଙ୍କର ତେଲୁଗୁ ଡେବ୍ୟୁ ଚଳଚ୍ଚିତ୍ର। ଏହି ରାଜନୈତିକ ଆକ୍ସନ୍ ଫିଲ୍ମଟି ଦିଲ୍ ରାଜୁଙ୍କର ଶ୍ରୀ ଭେଙ୍କଟେଶ୍ୱର କ୍ରିଏସନ୍ସ ବ୍ୟାନରରେ ନିର୍ମାଣ ହୋଇଛି। ରାମ ଚରଣ ଏହି ଫିଲ୍ମରେ ଡବଲ୍ ରୋଲରେ ନଜର ଆସିଛନ୍ତି। ତାଙ୍କ ସହିତ ଅଭିନେତ୍ରୀ କିଆରା ଆଡଭାନୀ, ଅଞ୍ଜଳି, ଅଭିନେତା ଏସଜେ ସୂର୍ଯ୍ୟ, ଶ୍ରୀକାନ୍ତ, ସୁନୀଲ, ଜୟରାମ ଏବଂ ସମୁଥିରକାନି ମଧ ମୁଖ୍ୟ ଭୂମିକାରେ ଅଛନ୍ତି। ଏହି ଫିଲ୍ମଟି ଫେବ୍ରୁଆରି ୭ ତାରିଖରୁ ତେଲୁଗୁ, ତାମିଲ ଏବଂ କନ୍ନଡ ଭାଷାରେ ଓଟିଟି ପ୍ଲାଟଫର୍ମ ପ୍ରାଇମ୍ ଭିଡିଓରେ ମୁକ୍ତିଲାଭ କରିବ। 'ଗେମ୍ ଚେଞ୍ଜର' ହେଉଛି ବିଶାଖାପାଟଣାର ଜଣେ ନୀତିବାନ ଆଇଏଏସ୍ ଅଧିକାରୀ ରାମ ନନ୍ଦନଙ୍କ କାହାଣୀ, ଯିଏ ରାଜନୈତିକ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତିକୁ ମୂଳରୁ ନାଶ କରିବା ପାଇଁ କାମ କରନ୍ତି। କିନ୍ତୁ ତାଙ୍କର ପ୍ରୟାସ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବା ବୋବିଲି ମୋପିଦେବୀଙ୍କ ସହ ମୁହାଁମୁହିଁ କରାଏ, ଯିଏ ଜଣେ ନିଷ୍ଠୁର ଏବଂ କ୍ଷମତା ଲୋଭୀ ବ୍ୟକ୍ତି। ଏହି ଫିଲ୍ମରେ ଭରପୂର ଆକ୍ସନ ରହିଥିବା ବେଳେ ଓଟିଟିରେ ଏହାକୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଆଶା ରଖିଛନ୍ତି ନିର୍ମାତା। ଉଲ୍ଲେଖଯୋଗ୍ୟ, ରାମ ଚରଣଙ୍କ ଗେମ୍ ଚେଞ୍ଜର ଜାନୁଆରି ୧୦ ତାରିଖରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଆଇଏମଡିବି ଅନୁଯାୟୀ, ଫିଲ୍ମର ବଜେଟ୍ ପ୍ରାୟ ୩୦୦କୋଟି ଟଙ୍କା ହୋଇଥିବା ବେଳେ ଏହାର ବିଶ୍ୱବ୍ୟାପୀ ମୋଟ ୧୯୫.୮୦ କୋଟି ଟଙ୍କା ଆୟ କରିଥିଲା।

# ଚିତ୍ରକଳାର ନାୟକ ପ୍ରଶାନ୍ତ ବାରିକ

ଓଡିଶାର ଯେଉଁ ଚିତ୍ରଶିଳ୍ପୀ ବନ୍ଧୁମାନେ ଖୁବ୍ ସୁନ୍ଦର ଓ ମନଛୁଆଁ ଚିତ୍ର ଆଙ୍କି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଯୁବ ଚିତ୍ର ଶିଳ୍ପୀ ପ୍ରଶାନ୍ତ କୁମାର ବାରିକ ଅନ୍ୟତମ । ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅନ୍ତର୍ଗତ ବାହାବଳପୁର ଗ୍ରାମରେ ସେ ଜନ୍ମ ଲାଭ କରନ୍ତି। ତାଙ୍କର ପିତା ମାତା ଭାଇ ଭଉଣୀ ପତ୍ନୀ ପୁତ୍ର ସମସ୍ତେ କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଆନ୍ତି। ପ୍ରଶାନ୍ତ ଯେତେବେଳେ ସ୍କୁଲ୍ ଓ କଲେଜରେ ପାଠ ପଢୁ ଥିଲେ ସେତେବେଳେ ସେ ଖୁବ୍ ସୁନ୍ଦର ଚିତ୍ର ଆଙ୍କି ସମସ୍ତଙ୍କୁ ଉପହାର ଦିଅନ୍ତି। ବାସୁଦେବପୁର ବ୍ଲକର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବେତଡ଼ା ରେ ପ୍ରଶାନ୍ତ ହାଇସ୍କୁଲ ପାସ୍ କରି ଭଦ୍ରକ କଲେଜରେ ପାଠ ପଢ଼ିଲେ । ବର୍ତ୍ତମାନ ଶ୍ରୀ ବାରିକ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ଚାକିରି କରିଛନ୍ତି ଓ ପରିବାର ସହିତ ରହୁଛନ୍ତି। ଅନେକ ସୁନ୍ଦର ଚିତ୍ର ଆଙ୍କି ପ୍ରଶାନ୍ତ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ଓ ବିଭିନ୍ନ ସ୍ଥାନରୁ ସମ୍ବର୍ଦ୍ଧିତ ହୋଇ ଛନ୍ତି। ରଙ୍ଗ ଓ ତୂଳୀରେ ମଧ ଶ୍ରୀ ବାରିକ ଅନେକ ସୁନ୍ଦର ଚିତ୍ର ଆଙ୍କି ଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଓ ଭାରତର ବିଭିନ୍ନ ସ୍ଥାନରେ ଚିତ୍ର କଳା ପ୍ରଦର୍ଶନୀ ରେ ପ୍ରଶାନ୍ତଙ୍କ ଚିତ୍ର ବିଭିନ୍ନ ଲୋକ ମାନଙ୍କ ଦ୍ୱାରା ଖୁବ ଆଦୃତ ଲାଭ କରିଛି। ପ୍ରଶାନ୍ତଙ୍କର ପ୍ରିୟ ଚିତ୍ର ଶିଳ୍ପୀ ହେଉଛନ୍ତି ରବି ନାରାୟଣ ନାୟକ, ଅସିତ୍ ମୁଖାର୍ଜୀ, ଅସୀମ ବସୁ, ଦିନନାଥ ପାଠୀ, ବଳଦେବ ମହାରଥା, ବ୍ୟୋମକେଶ ମହାନ୍ତି, ଅଶୋକ ମହାନ୍ତି, କେଶୁ ଦାସ ପ୍ରମୁଖ। ଅନେକ ଅଏଲ ପେଣ୍ଟିଂ ଓ ୱାଟର କଲର କାର୍ଯ୍ୟ ମଧ୍ୟ ପ୍ରଶାନ୍ତ କରିଥାନ୍ତି। ଚିତ୍ର କଳା ଓ ସାହିତ୍ୟକୁ ନେଇ ସେ ଅନେକ କଥା ଆଲୋଚନା କରନ୍ତି ଓ ଚିତ୍ରରେ ଚିତ୍ରରେ ରୂପ ଦିଅନ୍ତି। ବିଭିନ୍ନ ବିଦେଶୀ ଚିତ୍ରଶିଳ୍ପୀ ମାନଙ୍କ ଚିତ୍ର ଓ ଭାରତର ବିଶିଷ୍ଟ ଚିତ୍ର ଶିଳ୍ପୀ ମାନଙ୍କ ଚିତ୍ର ପ୍ରଶାନ୍ତ ସଂଗ୍ରହ କରି ରଖିଛନ୍ତି। ସମାଜରେ ବର୍ତ୍ତମାନ ଘଟି ଯାଉଥିବା ବିଭିନ୍ନ ଘଟଣାକୁ ନେଇ ମଧ ସେ ଚିତ୍ର ଆଙ୍କି ଥାଆନ୍ତି। ପୁରୁଣା ସିନେମା, ନୂଆ ସିନେମା, ଯାତ୍ରା ଜଗତର ନାଟକ, ବର୍ତ୍ତମାନ ସାହିତ୍ୟର ଗୁରୁତ୍ୱ, ସମାଜ ସେବା, ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ପ୍ରଭୃତି ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ ଓ ଭାରତ ବର୍ଷର ଇତିହାସକୁ ଶ୍ରୀ ବାରିକ ଅଧିକାଂଶ ସମୟରେ ଆଲୋଚନା କରନ୍ତି ଓ ଲୋକ ମାନଙ୍କୁ ବୁଝାନ୍ତି। ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ଓ ସେବା ଯୋଗାଇ ଦେବାରେ ମଧ ପ୍ରଶାନ୍ତ ଆନନ୍ଦ ଲାଭ କରନ୍ତି। ଈଶ୍ୱରଙ୍କ କୃପାରୁ ଯୁବଚିତ୍ର ଶିଳ୍ପୀ ପ୍ରଶାନ୍ତ କୁମାର ବାରିକଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହାହିଁ ଆମର କାମନା।




ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ବାଇକ୍‌ରୁ ଖସିପଡ଼ିଲେ ମହିଳା: ପଛପଟୁ ଟ୍ରକ ଧକ୍କାଦେବା ଫଳରେ ମହିଳାଙ୍କ ମୃତ୍ୟୁ




ନୀଳଗିରି, ୬/୨ (ନି.ପ୍ର): ବାଇକରେ ପୁଅ ଓ ଭାଇଙ୍କ ସହିତ ଜଣେ ମହିଳା ଯାଉଥିବା ବେଳେ ହଠାତ୍ ବାଇକରୁ ଖସିପଡିବା ଫଳରେ ପଛରୁ ଆସୁଥିବା ଏକ ଟ୍ରକ ମହିଳାଙ୍କ ଗୋଡ ଉପରେ ଚାଲିଯିବାରୁ ମହିଳା ଜଣକ ଗୁରୁତର ଆହତ ହୋଇ ଚିକିତ୍ସକ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ପ୍ରହରାଜପୁର ଗ୍ରାମର କୁସୁମ ଜେନା(୫୦) ନାମକ ଜଣେ ମହିଳା, ମହିଳାଙ୍କ ଭାଇ ଓ ପୁଅ ବସନ୍ତ(୩୦)ଙ୍କ ସହିତ ମଟର ସାଇକେଲରେ ବସି ବରହମପୁର ଅଞ୍ଚଳକୁ ଯାଉଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨.୩୦ସମୟରେ ପୋଡାଶୂଳ ନିକଟରେ ହଠାତ୍ କୁସୁମ ମଟରସାଇକେଲରୁ ଖସିପଡ଼ିଥିଲେ। ଫଳରେ ପଛପଟୁ ଧାନବୋଝେଇ ପାଇଁ ଯାଉଥିବା ଓ.ଆର- ୦୧ ଏନ୍/୧୯୧୧ନଂ ଟ୍ରକଟି ମହିଳାଙ୍କ ଗୋଡ ଉପରେ ଚଢ଼ି ଯାଇଥିଲା। ତୁରନ୍ତ ମହିଳା ଜଣଙ୍କୁ ନୀଳଗିରି ହସ୍ପିଟାଲ୍ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ଡ଼ାକ୍ତରଖାନାକୁ ନେଉଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସୋର ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁହୋଇଥିବା ସୂଚନା ମିଳିଛି। ତେବେ ଘଟଣାସ୍ଥଳରୁ ଟ୍ରକଟି ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକ ସଜନାଗଡ ନିକଟରେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

# ପୁରୁଷୋତ୍ତମ ବଲ୍ଲଭରେ ରାମଚରିତ ମାନସ

ପୁରୀ, ୬/୨ (ନି.ପ୍ର): ମାଳତୀପାଟପୁର ଷ୍ଟେସନ ନିକଟ ପୁରୁଷୋତ୍ତମ ବଲ୍ଲଭ ଗ୍ରାମରେ ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହୋତ୍ସବ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ପୁରୀ ସିଦ୍ଧମହାବୀରଙ୍କ ନିକଟରୁ ଆଜ୍ଞାମାଳ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା ।ପବିତ୍ର ଶ୍ରୀପଂଚମୀ ତିଥିରେ କଳସ ଶୋଭାଯାତ୍ରା, ଜଳାଧିବାସ , ଘଟ ସ୍ଥାପନ, ଦେବତା ଆଗମନ ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିଲା । ବଂଶୀବଟ ନିତ୍ୟ ଆନନ୍ଦ ଆଶ୍ରମରେ ପୂଜିତ ଶ୍ରୀରଘୁନାଥ ଦେବ ଠାକୁରଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଘଂଟ ଘଂଟା ବାଜା ମହୁରୀ ଓ ବ୍ରତଧାରୀ ମାନେ କଳସ ଶୋଭାଯାତ୍ରାରେ ନୀଳକଣ୍ଠେଶ୍ୱର ମନ୍ଦିର ମାଳିବାଲିଆ ପୁଷ୍କରିଣୀରୁ ପବିତ୍ର ଜଳ ଆଣିଥିଲେ । ହୋମ ଯଜ୍ଞ ଓ ମନ୍ତ୍ର ଉଚ୍ଚାରଣରେ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ପୁରୀ ଗଙ୍ଗାମାତା ମଠ ର ସନାତନ ଦାଶ - ବ୍ୟାସ , ଜଗନ୍ନାଥ ବଲ୍ଲଭ ମଠର ପଣ୍ଡିତ ଶୁଭାଶିଷ ମହାପାତ୍ର - ଆଚାର୍ଯ୍ୟ ଓ ଶତ୍ରୁଘ୍ନ ରଣା -କର୍ତ୍ତା ଭାବେ ଯୋଗ ଦେଇଥିଲେ । ପ୍ରତିଦିନ ସକାଳ ୬ଟାରୁ ସୂର୍ଯ୍ୟ ପୂଜା, ଗୋ ପୂଜା ,ନଗର କୀର୍ତ୍ତନ ଓ ଗୋସ୍ୱାମୀ ତୁଳସୀ ଦାସ ରଚିତ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଥିଲା । ପାରାୟଣୀରେ ପୁରୋହିତ ଅନିଲ ମହାପାତ୍ର ଓ ଧାରକ ଭାବେ କେଶବ ଦାସ ମହାରାଜ ଯୋଗ ଦେଇଥିଲେ । ପ୍ରତିଦିନ ସଂଧ୍ୟାରେ ହନୁମାନ ଚାଳିଶା ପାଠ, ପ୍ରବଚନ, ଭଜନ ପରିବେଷଣ ଓ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ନାଦନ୍ଧିକା ଡ୍ୟାନ୍ସ ଗ୍ରୁପ ତରଫରୁ ଓଡିଶୀ ଓ ଭଜନନୃତ୍ୟ ପରିବେଷଣ କରାଯାଇଥିଲା । ତାପର ଦିନ ପ୍ରାର୍ଥନା ଚାନେଲର ପ୍ରତିଭା ବିଜେତା ସୁଶ୍ରୀ ପ୍ରୀତିଶା ମହାପାତ୍ର ଭକ୍ତି ସଂଗୀତ ଗାନ କରିବା ସହ ସମ୍ବର୍ଦ୍ଧିତ ହୋଇଥିଲେ । କଣ୍ଠ ଶିଳ୍ପୀ କାଳୁଚରଣ ସାହୁ ଓ ଅଭିମନ୍ୟୁ ସାହୁ ମଧ୍ୟ ସମ୍ମାନିତ ହୋଇଥିଲେ । ଭଦ୍ରକର ପ୍ରବକ୍ତା ପଣ୍ଡିତ ଅକ୍ଷୟ ମହାରାଜ ନାମ ମହିମା ସଂପର୍କରେ ଆଶ୍ରି ବଚନ ପ୍ରଦାନ କରିଥିଲେ ।

# ବସ୍ତା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ



ବସ୍ତା, ୬/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍ଘାଟନ କରିଛନ୍ତି। ଏହି ଯୋଜନା ଜରିଆରେ ଓଡ଼ିଶାର ଗ୍ରାମାଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ କରାଯାଇପାରିବ ବୋଲି ଉଦ୍ଘାଟନ ସମାରୋହରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତେବେ ବ୍ଲକର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ବସ୍ତା ତହସିଲଦାର ରାଧାରଞ୍ଜନ ଦାସ, ଉତ୍ତର ବାଲେଶ୍ୱରର ବିଜେପି ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳ ରେ ଏହି ଯୋଜନାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ବିରାଟଲୀଳା କ୍ଷେତ୍ରରେ ବାର୍ଷିକ ଉତ୍ସବ



କପ୍ତିପଦା, ୬/୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡିହା-ପିଙ୍ଗୁ ସ୍ଥିତ ବିରାଟଲୀଳା କ୍ଷେତ୍ରଭାବେ ପରିଚିତ ଶ୍ରୀ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବର ପ୍ରଥମ ଦିବସ ସମାରୋହ ପାଳିତ ହୋଇଯାଇଛି । ଚଳିତ ମାସ ୩ ତାରିଖରେ ଅଧିବାସ ଶେଷ ହେବାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂନ୍ଧ୍ୟାରେ ଉଦଳା ଓଡିଶୀ ନୃତ୍ୟ କେନ୍ଦ୍ର କଳାକାରମାନଙ୍କୁ ନେଇ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା । ୪ ତାରିଖ ସକାଳ ୯ଘଟିକା ସମୟରେ ୫୦୦କଳସ ଯାତ୍ରୀଙ୍କୁ ନେଇ ବିରାଟ ପଟୁଆର ମାଧ୍ୟମରେ ଶାନ୍ତଶୃଙ୍ଖଳା ସହିତ କୁମୁରଡିମା ନିକଟସ୍ଥ କଣ୍ଡାଳ ନଦୀରୁ ଘଟଉତ୍ତୋଳନ କରାଯାଇଥିଲା । ଏଥିପାଇଁ ମନ୍ଦିର କମିଟି ସେବାୟତ, ବିଭିନ୍ନ କ୍ଲବର ଯୁବଗୋଷ୍ଠୀ ଏବଂ ପୁଲିସ ପ୍ରଶାସନ ସହଯୋଗରେ ସମସ୍ତ ଶ୍ରଦ୍ଧାଳୁ ଓ କଳସଯାତ୍ରୀମାନେ ଭକ୍ତଭରା ମନଦେଇ ପୂର୍ଣ୍ଣକୁମ୍ଭକୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସମର୍ପଣ କରାଯାଇଥିଲା । ସମସ୍ତ କଳସକୁ ଯଜ୍ଞମଣ୍ଡପରେ ସ୍ଥାପନା ପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ସେବାୟତମାନେ ରତ୍ନମଣ୍ଡପରୁ ଯଜ୍ଞ ନାରାୟଣଙ୍କୁ ଯଜ୍ଞମଣ୍ଡପରେ ପ୍ରତିଷ୍ଠା କରାଇଥିଲେ । ଏହାପରେ ସମସ୍ତ ବ୍ରତଧାରୀଙ୍କୁ ନେଇ ସଂକଳ୍ପ କାର୍ଯ୍ୟକ୍ରମ କରାଯାଇଥିଲା । ଯଜ୍ଞ ମଣ୍ଡପରେ ଚର୍ତୁର୍ବେଦୀ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଯଜ୍ଞ କାର୍ଯ୍ୟ ପରିଚାଳିତ ହୋଇଥିଲା । ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିବେଶ ସଂପୂର୍ଣ୍ଣଭାବେ ଶ୍ରଦ୍ଧାଳୁମାନଙ୍କ ଜୟ ଜଗନ୍ନାଥ ଧ୍ୱନୀ, ଶଂଙ୍ଖ ହୁଳହୁଳି ଓ ସଂକୀର୍ତ୍ତଣ ମଣ୍ଡଳୀଙ୍କ ସ୍ୱର ଝଙ୍କାରରେ ଏକ ଅଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ବାର୍ଷିକ ଉତ୍ସବକୁ ସଫଳ କରିବା ନିମନ୍ତେ ମନ୍ଦିର କମିଟିର ଉପଦେଷ୍ଟା ସୁଧାଂଶୁ କୁମାର ଦାସ, ସଭାପତି ସର୍ବେଶ୍ୱର ରାଉତ, ସଂପାଦକ ପ୍ରଧାପକ ନକୁଳ ଜେନା, ଉପସଭାପତି ବୃନ୍ଦାବନ ବେହେରା, ସହ ସଂପାଦକ ଭଗବାନ ବେହେରା, ଭାବବନ୍ଧନ ପତ୍ରିକାର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧାପକ ଭୋଳାନାଥ ସାହୁ, କୋଷାଧ୍ୟକ୍ଷ ରବିନାରାୟଣ ନାୟକ, ଶଶଧର ସ୍ୱାଇଁ,ଦିବାକର ନାୟକ, ପ୍ରାର୍ଥନା ନାୟକ,ଉର୍ମିଳା ସ୍ୱାଇଁ, ମଂଜୁଲତା ଜେନା, ଅନୁରାଧା କବାଟ, ମାନଗୋବିନ୍ଦ ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ଚିନ୍ତାମଣୀ ବେହେରା, ତପନ ଦଳେଇ, ନିରଂଜନ ପରିଡା, ବିଧାକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ଓ ଅନ୍ୟମାନେ ଉପସ୍ଥିତ ହୋଇ ପୂର୍ଣ୍ଣ ସହଯୋଗ କରିଥିଲେ । ସଂନ୍ଧ୍ୟାରେ ପ୍ରବଚକ ପ୍ରିୟପ୍ରକାଶ ମିଶ୍ର ପ୍ରବଚନ ଦେଇଥିଲେ ।

## ଜିଲ୍ଲା ସଦର ମହକୁମାରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅଭାଷୀ କାର୍ଯ୍ୟକ୍ରମ

ବଲାଙ୍ଗିର, ୬/୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବଲାଙ୍ଗିର ର ସମସ୍ତ ବ୍ଲକ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ସଦର ମହକୁମାସ୍ଥିତ ମିଶନ ଖେଳ ପଡିଆଠାରେ ରାଜ୍ୟ ସରକାରଙ୍କ ଏହି ଯୋଜନାର ଶୁଭାରମ୍ଭ ଅଭାଷୀ ମାଧ୍ୟମରେ ସ୍ଥାନୀୟ ଲୋକ ଦେଖିଛନ୍ତି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାର, ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ , ବଲାଙ୍ଗିର ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରଭାତ ମହାପାତ୍ର , ସଦର ବିଡ଼ିଓ ଶ୍ରୀ ହୃଷୀକେଶ ଗଣ୍ଡ ଏବଂ ମାନ୍ୟବର ସଂସଦ ଏବଂ ବିଧାୟକଙ୍କ ପ୍ରତିନିଧି ଗଣ, ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଂଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡକ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିଖା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ତଥା ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ ଓ ଶେଷରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା ।

# ବିକଶିତ ଗାଁ ବିକଶିତ ଓଡ଼ିଶାର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ ଉତ୍ସବ



ଭଦ୍ରକ, ୬/୨ (ନି.ପ୍ର): ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆଭାସି ଜରିଆରେ ପ୍ରଦର୍ଶନ ପୂର୍ବକ ଭଦ୍ରକ ଜିଲ୍ଲା ସ୍ତରୀୟ ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପାଳଜୀଉ ମଠ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ପ୍ରଜ୍ୱଳନ ପୂର୍ବକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ୫ ହଜାର କୋଟି ଟଙ୍କାର ବ୍ୟୟବରାଦ ନେଇ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଆଭିମୁଖ୍ୟ, କାର୍ଯ୍ୟାନ୍ୱୟନ, ବିକାଶରେ ଜନ ଭାଗିଦାରୀତା ଆଦି ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ। ଗାଁର ବିକାଶ ବିନା ରାଜ୍ୟ, ଦେଶର ବିକାଶ ସମ୍ଭବ ନୁହେଁ ଏବଂ ଜନଭାଗିଦାରୀ ବିନା ବିକାଶ ମଧ୍ୟ ସମ୍ଭବ ନୁହେଁ ବୋଲି ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏହି ଯୋଜନାରେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖାଯାଇଥିବା ଉଲ୍ଲେଖ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ, ଜନ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭଦ୍ରକ ବି.ଡି.ଓ. ରଶ୍ମି ରଞ୍ଜନ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ।

# ଡାଲଙ୍ଗ ସରକାରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଖଇରା, ୬/୨ (ନି.ପ୍ର): ଡାଲଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଶିକ୍ଷକ ଜଗବନ୍ଧୁ ଗାହାଣଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାଲଙ୍ଗ-୨ ଗ୍ରାମ ପଞ୍ଚାୟତର ସରପଞ୍ଚ ଅଜୟ କୁମାର ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟମଣି ମହାପାତ୍ର, ମୁଖ୍ୟ ବକ୍ତା ପ୍ରହରାଜପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌରାଙ୍ଗ ପରିଡା , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମାକାନ୍ତ ପାଢୀ, ଓ୍ୱାଡ ସଭ୍ୟା ମମତା ମହାରଣା ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ମମତା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ ସଫଳତା ହାସଲ କରିବା ସହିତ ଶ୍ରେଣୀ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ ଯଥା କ୍ରୀଡା, ନୃତ୍ୟ, ଗୀତ, ସଂଗୀତ, ବାଦ୍ୟଯନ୍ତ୍ର ଶିକ୍ଷା କ୍ଷେତ୍ରରେ ପାରଙ୍ଗମ ହାସଲ କରି ନିଜର ଦକ୍ଷତା ପ୍ରତିପାଦନ କରିବା ଉଚିତ। ଏହା ଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱ, ମାନସିକ, ଶାରିରୀକ ବିକାଶ ହୋଇଥାଏ । ବାର୍ଷିକ କ୍ରୀଡାରେ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଇ ଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ସଂକର୍ଷଣ ସାହୁ, ପ୍ରିୟରଞ୍ଜନ ନାୟକ, ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ମଞ୍ଜୁଲତା ପଣ୍ଡା, ମଞ୍ଜୁଲତା ବେହେରା,ମମତା ମିଶ୍ର ଓ ଛାତ୍ରୀ ହରପ୍ରିୟା ସାହୁ,ପ୍ରବାଶିନୀ ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ଏବଂ ସର୍ବଶେଷରେ ବିଦ୍ୟାଳୟର କର୍ମକର୍ତ୍ତା ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇ ସଭା ସମାପ୍ତ କରିଥିଲେ।

# ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପଦ୍ମପୋଖରୀକୁ ମିଳିଲା ତମାଖୁମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର

କପ୍ତିପଦା, ୬/୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀସ୍ଥିତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର ରାଉଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥିଭାବେ ସରପଞ୍ଚ ବବିତା ଉଗ୍ରସାଣ୍ଡି, ମୁଖ୍ୟବକ୍ତାଭାବେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୁଷ ଡାକ୍ତରାଣୀ ବନିତା ବାରିକ୍, ସମ୍ମାନିତ ଅତିଥିଭାବେ ସମାଜସେବୀ ଡୁବୁଲିଆ ଉଗ୍ରସାଣ୍ଡି, ଜାହ୍ନବୀ ପୁଟ୍ଟି, ବିଦ୍ୟାଧର ବେହେରା, ଜଗବନ୍ଧୁ ରାଉତ, ଶମ୍ଭୁନାଥ ହାଁସଦା, ଭଗବାନ ଚନ୍ଦ୍ର ଦାସ,ମୁକୁନ୍ଦ୍ ହାତୀ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ତମାଖୁ ସେବନ ଅପକାରିତା ସଂପର୍କରେ ଉଦବୋଧନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟଅତିଥିଙ୍କ ଠାରୁ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଗଣ ତମାଖୁମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶତୃଘ୍ନ ବେହେରା, ପର୍ଶୁରାମ ବାରିକ୍, ଲଛମଣ ବେହେରା, ଡୁମ୍ଭି ସାମାଡ ପ୍ରମୁଖ ସହଯୋଗ କରିଥିଲେ ।

# କଂଚନପୁରରେ ମାଗେ ପର୍ବ : ନାଗରା ମାନ୍ଦଳ ତାଳେ ତାଳେ ଝୁମିଲା ଗାଁ

ଚମ୍ପୁଆ, ୬/୨ (ନି.ପ୍ର): ଚମ୍ପୁଆ ବ୍ଲକ୍ ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଗ୍ରାମରେ ଆଦିବାସୀ ମାନଙ୍କ ପାରମ୍ପରିକ ମାଗେ ପର୍ବ ଜାକଜମକର ସହ ପାଳିତ ହୋଇ ଯାଇଛି। ଗ୍ରାମର ବୀର ବିର୍ସା ମୁଣ୍ଡା ବଡାମ ବୁଢା ହୋ ସମାଜ ଦ୍ୱାରା ପ୍ରତ୍ୟେକ ବର୍ଷ ମାଘ ମାସରେ ଏହି ପର୍ବ ତିନି ଦିନ ଧରି ପାଳନ କରା ଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ମହା ଧୁମଧାମରେ ତିନି ଦିନ ଧରି ନାଗରା, ମାନ୍ଦଳ ର ତାଳେ ତାଳେ ଝୁମି ଉଠିଛି କଂଚନପୁର ଗାଁ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଚମ୍ପୁଆର ଜନନେତା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଗ୍ରାମବାସୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଗ୍ରାମ ଦେହୁରୀ ସୁନାରାମ ମୁଣ୍ଡା, ପୁରୁଷୋତ୍ତମ ପ୍ରଧାନ, ଦାଶରଥି ମହାକୁଡ଼, କମଳାକାନ୍ତ ପ୍ରଧାନ, ସୁମନ୍ତ ମହାନ୍ତ, ଲୋକନାଥ ପାତ୍ର, ନରୋତ୍ତମ ମହାନ୍ତ, ଜର୍ମାନୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ପର୍ବକୁ ବୀର ବିର୍ସା ମୁଣ୍ଡା ବଡାମ ବୁଢା ହୋ ସମାଜର ସମ୍ପାଦକ ରୋହିତ କୁମାର ପ୍ରଧାନ, ରବୀନ୍ଦ୍ର ମୁଣ୍ଡା, ରଘୁନାଥ ମୁଣ୍ଡା, ପାଇଁତୁଷ ମୁଣ୍ଡା, ଶୁକ୍ରା ମୁଣ୍ଡା, ରାମ ମୁଣ୍ଡା, ରାଧିକା ମୁଣ୍ଡା, ଗଣେଶ ମୁଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଗ୍ରାମର ଦେହୁରୀ ହୋ ରୀତିନୀତି ଅନୁସାରେ ଗ୍ରାମ ଶାଳରେ ପୂଜା କର୍ମ ସମାପନ କରି ପର୍ବର ଶୁଭାରମ୍ଭ କରିବା ପରେ ପାରମ୍ପରିକ ନୃତ୍ୟ, ଗୀତ ସହିତ ମାଦଳ, ନାଗରା, ଆଦି ବାଦ୍ୟ ବଜାଇ ଆଖଡ଼ାକୁ ଅଣା ଯାଇ ଆଖଡ଼ାରେ ଆଦିବାସୀ ମୁଣ୍ଡା ପୁଅଝିଅ ମିଳିମିଶି ହାତକୁ ହାତ ଧରାଧରି ହୋଇ ନୃତ୍ୟ ସଙ୍ଗୀତରେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ମସଗୁଲ ହୋଇ ପର୍ବକୁ ଉପଭୋଗ କରିଥିଲେ ।

# ସେଲ ଆରଏସପିରେ ଇନଭଏସ୍ ଅଟୋ-ପ୍ରୋସେସିଂ ପାଇଁ ନୂତନ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ

ରାଉରକେଲା, ୬/୨ (ନି.ପ୍ର): ଡିଜିଟାଲ୍ ରୂପାନ୍ତରଣ ପ୍ରକ୍ରିୟାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନାର ବିତ୍ତ ଓ ଲେଖା ବିଭାଗ ଏକ ନୂତନ ଡିଜିଟାଲ୍ ପଦକ୍ଷେପ, 'ଅଟୋ ପ୍ରୋସେସିଂ ଅଫ୍ ଇନଭଏସ୍ (ଆରଜେସି)'ର ଶୁଭାରମ୍ଭ କରିଛି। ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ଫେବୃଆରୀ ୫ ତାରିଖରେ ବିତ୍ତ ଓ ଲେଖା ବିଭାଗର ସମ୍ମିଳନୀ କକ୍ଷ 'ଚିନ୍ତନ'ରେ ଅନୁଷ୍ଠିତ ଏକ ବୈଠକରେ ଏହି ନୂତନ ବ୍ୟବସ୍ଥାର ଉଦଘାଟନ କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଆତିଶ ଚନ୍ଦ୍ର ସରକାର, ଏବଂ ବିତ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ଆର ଦାସଗୁପ୍ତା ଉପସ୍ଥିତ ଥିଲେ। ଏହି ଅବସରରେ, ଶ୍ରୀ ବେହୁରିଆ ସାଂପ୍ରତିକ ପରିସ୍ଥିତିରେ ଡିଜିଟାଲାଇଜେସନ୍ ର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, 'ମାନବ ସମ୍ବଳରେ କ୍ରମାଗତ ହ୍ରାସ ଦୃଷ୍ଟିରୁ ଉତ୍ପାଦନ ପ୍ରକ୍ରିୟାରେ ଚାଲୁଥିବା ଡିଜିଟାଲାଇଜେସନ୍ ପରି ସେବା ଗୁଡ଼ିକର ଡିଜିଟାଲାଇଜେସନ୍ ହେଉଛି ଆଜିର ମୁଖ୍ୟ ଆବଶ୍ୟକତା ଅଟେ। ଅଟୋ-ପ୍ରୋସେସିଂ ସିଷ୍ଟମ୍ କେବଳ ଦ୍ରୁତ ବିଲ୍ ପ୍ରକ୍ରିୟାକରଣରେ ସାହାଯ୍ୟ କରିବ ନାହିଁ ବରଂ କମ ମାନବ ହସ୍ତକ୍ଷେପ ଯୋଗୁଁ ସିଷ୍ଟମରେ ସ୍ୱଚ୍ଛତା ଏବଂ ସଠିକତା ମଧ୍ୟ ବୃଦ୍ଧି କରିବ।' ଆହୁରି ମଧ୍ୟ ଏହି ସିଷ୍ଟମକୁ ପେମେଣ୍ଟ ପର୍ଯ୍ୟାୟ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଉଚିତ ଯାହା ଦ୍ୱାରା ସିଙ୍ଗଲ କ୍ଲିକରେ ବିଲ୍ ପ୍ରକ୍ରିୟାକରଣ କରାଯାଇ ପେମେଣ୍ଟ ପାଇଁ କ୍ୟାସ୍ ସେକ୍ସନକୁ ପଠାଯାଇପାରିବ ଯାହାର କାର୍ଯ୍ୟକାରିତା ଆଗାମୀ ଅପ୍ରେଲ ୧ ତାରିଖକୁ ଧାର୍ଯ୍ୟ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ନୂତନ ଡିଜିଟାଲ୍ ପଦକ୍ଷେପର ଲକ୍ଷ୍ୟ ହେଉଛି ମରାମତି କାମ ଚୁକ୍ତିନାମା ବିଲ୍ ପ୍ରକ୍ରିୟାକରଣକୁ ସୁବ୍ୟବସ୍ଥିତ କରିବା ତଥା ବହୁ-ପଦକ୍ଷେପ ଏକକ ବିଲ୍ ପ୍ରକ୍ରିୟାକରଣର ଆବଶ୍ୟକତାକୁ ଦୂର କରିବା। ଏହି ସିଷ୍ଟମ ସହିତ, ସିଷ୍ଟମ-ଚାଳିତ ଆଭ୍ୟନ୍ତରୀଣ ଯାଞ୍ଚ ଏବଂ ବାଲାନ୍ସ ଅନୁସରଣ କରି ଗୋଟିଏ କ୍ଲିକରେ ବହୁସଂଖ୍ୟକ ପ୍ରକ୍ରିୟାକରଣ କରାଯାଇପାରିବ। ସିଷ୍ଟମକୁ ଏଫ ଆଣ୍ଡ ଏ ଓବି ଆଣ୍ଡ ଏ ସେକ୍ସନ ଦ୍ୱାରା ବ୍ୟବହାର କରାଯିବ, ହାରାହାରି ବିଲ୍ ପ୍ରକ୍ରିୟାକରଣ ସମୟକୁ ୫ ମିନିଟରୁ ୧ ମିନିଟକୁ ହ୍ରାସ କରିବା ସହିତ ସିଷ୍ଟମକୁ ଅଧିକ ସଠିକ୍ ଏବଂ ସ୍ୱଚ୍ଛ କରିବ। ଉକ୍ତ ବୈଠକରେ ଏଫ ଆଣ୍ଡ ଏ ବିଭାଗର ଜିଏମ ଶ୍ରୀ ଏନ କେ ରାଓ ଅଟୋ-ବିଲ୍ ପ୍ରକ୍ରିୟାକରଣ ସିଷ୍ଟମର ବୈଷୟିକ ବିବରଣୀ ଉପରେ ଏକ ଉପସ୍ଥାପନା ପ୍ରଦାନ କରିଥିଲେ ଏବଂ ଏହାକୁ ଲାଇଭ୍ ପ୍ରଦର୍ଶନ କରିଥିଲେ। ବୈଠକରେ ଅର୍ଥ ବିଭାଗର ସମସ୍ତ ମହାପ୍ରବନ୍ଧକ ଏବଂ ସମ୍ପୃକ୍ତ ଅଧିକାରୀ ତଥା କଣ୍ଟ୍ରାକ୍ଟ ସେଲ୍ (କାର୍ଯ୍ୟ), ସି ଆଣ୍ଡ ଆଇଟି, ଏବଂ ଡ଼ିଆଇସି ସଚିବାଳୟର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ନୀଳଗିରି ଡ଼ାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ: ସ୍ୱାସ୍ଥ୍ୟମିତ୍ରଙ୍କ ଦାଦାଗିରିକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା

ନୀଳଗିରି, ୬/୨ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ବୃଦ୍ଧି ପାଉଛି ବିଭିନ୍ନ ଅବ୍ୟବସ୍ଥା । ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଡାକ୍ତରଖାନା କର୍ତ୍ତୃପକ୍ଷ ଙ୍କ ନିଦ୍ରାଭଙ୍ଗ ହେଉନଥିବା ଜଣାପଡିଛି । ବାରମ୍ବାର ଡାକ୍ତର , ସ୍ୱାସ୍ଥ୍ୟ କର୍ମୀ ଏବଂ ଡାକ୍ତରଖାନାରେ ନିଯୁକ୍ତ ଅନ୍ୟକର୍ମଚାରୀଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇପଡୁଛନ୍ତି ରୋଗୀ ଏବଂ ରୋଗୀଙ୍କ ସଂପର୍କୀୟ । ସୂଚନା ଅନୁଯାୟୀ ନୀଳଗିରି ଥାନା ଚିମିନିଭାଟି ଗ୍ରାମର ଫକନ ବେହେରା ନାମକ ଜୈନିକ ରୋଗୀ ନୀଳଗିରି ଡାକ୍ତରଖାନାରେ ଆଡମିଶନ ହୋଇ ଚିକିତ୍ସିତ ହେଉଥିଲେ। ଦିନକୁ ଦିନ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଜି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ରେଫର୍ କରି ଦିଆଯାଇଥିଲା । ମାତ୍ର ଚିକିତ୍ସାଧୀନ ରୋଗୀ ଶ୍ରୀ ବେହେରାଙ୍କ ପୁଅ ବାହାରକୁ କୌଣସି କାମରେ ଯାଇଥିବା ବେଳେ ଡ଼ାକ୍ତରଖାନାରେ ନିଯୁକ୍ତ ସ୍ୱାଗତ ମହାପାତ୍ର ନାମକ ଜୈନିକ ସ୍ୱାସ୍ଥ୍ୟମିତ୍ର ରୋଗୀ ଫକନଙ୍କ ନିକଟରେ ପହଁଚି ତୁରନ୍ତ ସିଟ୍ ଖାଲି କରିବାକୁ ତାଗିଦ୍ କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ରୋଗୀ ଶ୍ରୀ ବେହେରା ପୁଅ ଆସିଲେ ସିଟ୍ ଛାଡିଦେବି ବୋଲି କହିଥିଲେ ମଧ୍ୟ ସ୍ୱାସ୍ଥ୍ୟମିତ୍ର



ଜଣକ ସିଟ୍ ଛାଡ ନହେଲେ ଘୋଷାରି ଘୋଷାରି ବାହାରେ ଛାଡି ଦେବାକୁ ଧମକ ଦେଇଥିଲେ । ତେବେ ଘଟଣା ସ୍ଥଳରେ ଉପସ୍ଥିତଥିବା ଲୋକ ମାନେ ସ୍ୱାସ୍ଥ୍ୟମିତ୍ରଙ୍କ ବ୍ୟବହାରରେ ପ୍ରତିବାଦ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟମିତ୍ର ଜଣକର କୌଣସି ଫରକ୍ ପଡ଼ିନଥିଲା । ଓଲଟା ଧମକଚମକ ଦେଇଥିଲେ। ତେବେ ଏଭଳି ଘଟଣାକୁ ନେଇ ଡ଼ାକ୍ତର ଖାନା ପରିସରରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିବା ବେଳେ କିଛି ରୋଗୀଙ୍କ ସଂପର୍କୀୟ ଡାକ୍ତଖାନା ସମ୍ମୁଖରେ ଧାରଣାରେ ବସିଥିଲେ । ଏଭଳି ବ୍ୟବହାର ପାଇଁ ତୁରନ୍ତ ସଂପୃକ୍ତ ସ୍ୱାସ୍ଥ୍ୟମିତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ରୋଗୀ ଫକନ୍ ବେହେରାଙ୍କ ପୁଅ ମନୋଜ କୁମାର ବେହେରା ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ଏନେଇ ଏସଡିଏମଓ ସରୋଜିନୀ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଧାରଣାରତଙ୍କ ସହିତ ଆଲୋଚନା କରିବା ସହିତ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ୨୬ ତମ ଇଉଫୋରିଆ-୨୫ ଉଦ୍‌ଘାଟିତ

ବାରିପଦା, ୬/୨ (ନି.ପ୍ର): ଯୁବ ପ୍ରତିଭା ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ ଦି ଇଉଫୋରିଆ ଅନୁଷ୍ଠାନ ୨୬ ବର୍ଷ ଧରି ତାର ପ୍ରଚେଷ୍ଟାରେ ଲାଗି ରହିଛି । ରାଜ୍ୟସ୍ତରୀୟ ଆନ୍ତମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଉଫୋରିଆ-୨୦୨୫ ଆଜି ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଅଧ୍ୟକ୍ଷ ଅସିତ କୁମାର ଗିରି ଙ୍କ ପୌରହିତ୍ୟ ରେ ଉଦଘାଟିତ ହୋଇଛି ।ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବିଭୁ ପ୍ରସାଦ ଦାସ, ଶାନ୍ତନୁ କୁମାର ସିଂହ, ସୁତନୁ ରୁପ, ଅଭିଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ର ୨୨ଗୋଟି ଶିକ୍ଷାନୁଷ୍ଠାନ ମାନଙ୍କରୁ ୨୩୭ ଜଣ ପ୍ରତିଯୋଗୀ ଯୋଗ ଦେଇଥିବା ସମ୍ପାଦକ ସତ୍ୟ ସ୍ୱରୂପ ଦାଶ ପ୍ରକାଶ କରିଛନ୍ତି।

## ବରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାସୁଦେବପୁର, ୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଜଗବନ୍ଧୁ ନୋଡାଲ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମି ରଞ୍ଜିତା ପାଣିଗ୍ରାହୀ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ । ବିଧାୟକ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ ଓ ବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ



ଓ ଶିକ୍ଷା ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, ବରଣ୍ଡୁଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆଗରପଡ଼ା ଡ଼ା ଏଚ୍ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଛାୟତ, ବେତଡ଼ା ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀମତୀ ସରୋଜ ନଳିନୀ ମହାନ୍ତି ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଶ୍ରୀକାନ୍ତ ପାକଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶିକ୍ଷୟତ୍ରୀ ସୁଚିସ୍ମିତା ଶୁକ୍ଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଖୁବ୍ ସୁନ୍ଦର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ଦିବାକର ସେଣ୍ଠ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ସୀତାମଣି ପଣ୍ଡା, କୁନ୍ତଳା ନାୟକ ରଞ୍ଜନ କୁମାର ଧଳ, ଶଶିକାନ୍ତ ମହାନ୍ତି, ସଂଯୁକ୍ତା ବେହେରା, ଜୟନ୍ତୀ ଧଳ, ଜୟଶ୍ରୀ ପାଢ଼ୀ, ଅଙ୍କିତା ଦେ, ଜୟନ୍ତ କୁମାର ସିଂ, ଗଙ୍ଗାଧର ସେଠୀ, ରମାମଣି ପଣ୍ଡା, ପ୍ରିୟଙ୍କା ପ୍ରିୟ ଦର୍ଶନୀ ଶତପଥୀ ପ୍ରମୁଖ ଏହି ଉତ୍ସବ କୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବରିଷ୍ଠ ସାମ୍ବାଦିକ ସୁଧୀର ରଞ୍ଜନ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ, ୬/୨ (ନି.ପ୍ର): ପାରାଦୀପର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ସୁଧିର ରଞ୍ଜନ ଦାଶଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ପୋର୍ଟ କ୍ଲବ ପରିସରରେ ଆୟୋଜିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଦିବଙ୍ଗତ ସ୍ୱର୍ଗତ ଦାସ ଥିଲେ ଜଣେ ପରୋପକାରୀ, ମେଳାପୀ ଓ ନିର୍ଭୀକ ବ୍ୟକ୍ତିତ୍ୱ, ତାଙ୍କ କଲମ ଚାଳନାରେ ବନ୍ଦର ସହରର ସତ୍ୟ ଘଟଣା ସବୁବେଳେ ସାମ୍ନାକୁ ଆସୁଥିଲା। ବିଭିନ୍ନ ସମୟରେ ଶିଳ୍ପ ମାନଙ୍କରେ ଆୟୋଜିତ ପ୍ରେସ




ମିଟରେ ସତ୍ୟତା ସାମ୍ନାକୁ ଆଣିବାରେ କର୍ତ୍ତୃପକ୍ଷଙ୍କୁ ଯେଉଁ ପ୍ରଶ୍ନ କରୁଥିଲେ ତାହା ସବୁବେଳେ ଚର୍ଚ୍ଚାର ପରିଧିକୁ ଆସୁଥିଲା। ଏହା ସହିତ ସେ ଜଣେ ଭଲ ସଙ୍ଗଠକ ଭାବେ ବିଭିନ୍ନ ସଙ୍ଗଠନ ସହିତ ଜଡିତ ଥିଲେ। ବନ୍ଦର ସହରରେ ଅନ୍ତେବାସୀଙ୍କ ପାଇଁ ଯଦି କିଛି ମୌଳିକ ସମସ୍ୟା ଥାଏ, ସେ ସମ୍ପର୍କରେ ସେ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ତାର ସମାଧାନର ବାଟ ବାହାର କରୁଥିଲେ। ପାରାଦୀପ ପ୍ରେସ ମିଡିଆ ଓ ଓଡିଶା ସାମ୍ବାଦିକ ସଂଘର ଉପଦେଷ୍ଟା ଭାବେ ସଂଘର ଉନ୍ନତି ତଥା ସବୁ ସାମ୍ବାଦିକ ଏଖାଟି ରହିବାକୁ ସବୁବେଳେ ପରାମର୍ଶ ଦେଉଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ସାମ୍ବାଦିକ ଶୁକଦେବ ଜେନା, ଚିତ୍ତରଞ୍ଜନ ସ୍ୱାଇଁ, ବାଟକୃଷ୍ଣ ଦାସ, ବସନ୍ତ ସାହୁ, ସୁରେନ୍ଦ୍ର ବିଶ୍ୱାଳ, ହରିଶ୍ଚନ୍ଦ୍ର ଲେଙ୍କା, ସୁଦର୍ଶନ ବିଶ୍ୱାଳ, ପ୍ରଭାତ କୁମାର ମହାପାତ୍ର, ରାକେଶ ପଟ୍ଟନାୟକ, ମନୋଜ କୁମାର ଦାସ, ଜଗବନ୍ଧୁ ସ୍ୱାଇଁ, ସୁମନ୍ତ ସ୍ୱାଇଁ, ସଞ୍ଜୀବ ମିଶ୍ର, ସୁଧାଂଶୁ ନାୟକ, ବିଶ୍ୱନାଥ ବଳ, ଭାଗିରଥି ମଲ୍ଲିକ, ଧୃତିଧର ଦାସ, ଆଇନଜୀବୀ କୈଳାସ ସାହୁ, ସୁଶୀଲ ପଟ୍ଟନାୟକ, ସମୀର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସୁଧିର ଦାଶଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ସୂଚନା ଥାଉକି ବନ୍ଦର ସହରରେ ଗତ କିଛି ଦିନ ବ୍ୟବଧାନରେ କେତେଜଣ ଅଗଧାଡ଼ିର ଗଣମାଧ୍ୟମ ପ୍ରତିନିଧିଙ୍କ ଦେହାନ୍ତ ଘଟିବାରୁ ଉପସ୍ଥିତ ପ୍ରତିନିଧି ମାନେ ଦୁଃଖ ପ୍ରକାଶ କରିଥିଲେ ।ସେମାନଙ୍କ ପରିବାରକୁ ସହାୟତା ଦେବାପାଇଁ ଏକ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ କରିବାକୁ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ ପ୍ରସ୍ତାବ ଦେଇଥିଲେ । ଶେଷରେ ଶଶାଙ୍କ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ୧୪ତମ ବାର୍ଷିକ ସମାରୋହ

ବାଲେଶ୍ୱର, ୬/୨ (ନି.ପ୍ର): "ଶିଶୁ ହିଁ ଇଶ୍ୱର। ଆଜିର ଶିଶୁଙ୍କୁ ବିନୟ ହେବାର ଅଧିକ ସହାୟ ହୋଇଥାଏ ସମୁଚିତ ଶିକ୍ଷା। ଏହାର ଅଧିକ ଶ୍ରେୟ ନେଇଥାଆନ୍ତି ଶିଶୁଟିର ମା-ବାପା ସର୍ବୋପରି ସମର୍ଥ ଶିକ୍ଷା ଓ ଶିକ୍ଷକ।" ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ୧୪ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠାନର ଉପସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ପ୍ରଫେସର ଡ. ରାଖାଲ ଚନ୍ଦ୍ର ଘଡ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ବାଲେଶ୍ୱରର




'ସମାଜ' ଦୈନିକର ବରିଷ୍ଠ ସହସଂପାଦକ କୁଳମଣି ବାରିକ ଶୃଙ୍ଖଳା ଓ କଠିନ ପରିଶ୍ରମ ଜଣେ ବିଦ୍ୟାର୍ଥୀକୁ ଶୀର୍ଷରେ ପହଞ୍ଚାଇବାରେ କିଭଳି ସହାୟ ହୋଇଥାଏ ତାହାର ଅନେକ ଦୃଷ୍ଟାନ୍ତ ରଖିଥିଲାବେଳେ ପ୍ରମୁଖ ଅତିଥି ଇଂ. ନନ୍ଦଦୁଲାଲ ଘଡ଼ାଇ ଜୀବନର ଆହ୍ୱାନକୁ ସାମ୍ନା କରିବାର ଉତ୍ସାହ ପୂର୍ବକ ଅନେକ ପୌରାଣିକ ଅଭିବ୍ୟକ୍ତି ରଖିଥିଲେ। ବାଲେଶ୍ୱର ଜିଲ୍ଲାର କ୍ରୀଡ଼ାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଓ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ସବଳ ରଖିପାରିଲେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମାନସିକ ତଥା ସ୍ୱାସ୍ଥ୍ୟଗତଭାବରେ ଚିରକାଳ ପ୍ରତିଭାବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସର୍ବପ୍ରଥମେ ସ୍କୁଲ୍‌ର ପ୍ରତିଷ୍ଠାତା ସମାଜସେବୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ପ୍ରାକ୍‌ସୂଚନା ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସଂପାଦିକା ଜୟନ୍ତୀ ଦେବୀ ଆନୁଷ୍ଠାନିକ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସରୋଜିନୀ ମିଶ୍ର ଉପସ୍ଥିତ ଅତିଥିବୃନ୍ଦ, ଅଭିଭାବକ, ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧ୍ୟକ୍ଷ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ରଜତ ଦାସଅଧିକାରୀ, ଏଚ୍.ଏଚ୍. ଶ୍ରୀରାମ, ଅଜୟ କୁମାର ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଘୋଷ, କୀର୍ତ୍ତି ସୁନ୍ଦର ସେନ୍, ଜିତେନ୍ଦ୍ର ବେହେରା, ପ୍ରଣିତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଗୁଲେ ସମା ସାହିନ୍, ମୋନାଲିସା ପଣ୍ଡା, ନାହିଦ୍ ସୁଲତାନ୍, ଆଫ୍ରିନ୍ କାଦ୍ରୀ, ଭାଗ୍ୟଲକ୍ଷ୍ମୀ ବେହେରା, ଅନ୍ନପୂର୍ଣ୍ଣା ବେହେରା, କବିତା ବେହେରା, ଜୟନ୍ତୀ ଦାସ, ପ୍ରଣୀତା ପାଣିଗ୍ରାହୀ, ହରିହର ବେହେରା ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କଟକ ଐତିହାସିକ...

ପ୍ରକାଶ ପାଇବା ସହ ଦାବି ବି ଉଠିଥିଲା । ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ନେଇ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବ ପ୍ରତିଶ୍ରୁତି ଅନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦିଆଯାଇଥିବା ନେଇ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ସୂଚନା ଜାରି କରାଯାଇଛି । କଟକ ଐତିହାସିକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ପରେ କଟକ ଏବଂ ସାରା ରାଜ୍ୟରେ ଖୁସିର ଲହରୀ ଖେଳିଯାଇଛି । ଓଡ଼ିଶାର ପ୍ରମୁଖ ଯାନି ଯାତ୍ରାକୁ ଅଧିକ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବା ପରେ କେନ୍ଦ୍ର ସରକାର ଓଡ଼ିଶାର ସଂସ୍କୃତିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି । ଏହି କ୍ରମରେ କଟକର ଐତିହାସିକ ବାଲିଯାତ୍ରାକୁ 'ଜାତୀୟ ମାନ୍ୟତା' ମିଳିଛି । କଟକ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଓଡିଶା ଲୋକଙ୍କ ମନକଥା ବୁଝିଛନ୍ତି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ । କଟକ ସାଂସଦ ଭର୍ତ୍ତୃହରି ମହତାବ ଏନେଇ ଖୁସି ପ୍ରକଟ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

### ଭିଆଇପିଙ୍କ ପାଇଁ ମାଳ...

ଆଜି ବି ଟିକେଟ୍ ଖଣ୍ଡିକ ପାଇଁ ଧାଡ଼ିବାନ୍ଧିଥିଲେ ଦର୍ଶକ । କିନ୍ତୁ ଗତକାଲିଠୁ ଟିକେଟ ସରିଯାଇଥିବାରୁ ନିରାଶ ହୋଇଛନ୍ତି ସମସ୍ତେ । ଷ୍ଟାଡିୟମରେ ଦର୍ଶକଙ୍କ ପାଇଁ ସିଟ୍ କ୍ଷମତା ରହିଛି ମୋଟ୍ ୪୫ ହଜାର । ତା ମଧ୍ୟରୁ ପ୍ରାୟ ୨୪ ହଜାର ଟିକଟ ବିକ୍ରି ହୋଇଛି । ବିକ୍ରି ଟିକଟରୁ ୪ ହଜାର ଟିକଟ ଅନଲାଇନରେ, ୮ ହଜାର ଟିକଟ ଓସିଏ ଅନୁବନ୍ଧିତ ସଂସ୍ଥା, କ୍ଲବ, ସ୍କୁଲ, କଲେଜ ଏବଂ ଜିଲ୍ଲା କ୍ରୀଡ଼ା ସଂଗଠନକୁ ବିକ୍ରି କରାଯାଇଛି । ଆଉ ୧୨ ହଜାର ଟିକଟ୍ ବିକ୍ରି କରାଯାଇଛି କାଉଣ୍ଟରରେ । ବଳକା ୨୧ ହଜାର ଟିକଟ ଓସିଏ ବାଣ୍ଟୁଛି ପାସ୍ ଆକାରରେ । ଯେଉଁଥିରେ ରହିଛନ୍ତି ଭିଆଇପି ଏବଂ ଭିଭିଆଇପି । ପ୍ରଶ୍ନ ଉଠୁଛି, ନାକେଦମ୍ ହୋଇ ସାଧାରଣ ଦର୍ଶକ ଯେତେବେଳେ ଠେଲା ଖାଇ ଟଙ୍କା ଗଣି ଟିକେଟ କିଣୁଛନ୍ତି, ଏଭଳି ସ୍ଥିତିରେ ବଡ଼ବଡ଼ିଆଙ୍କ ପାଇଁ ଏତେ ଦରଦ କାହିଁକି ? ଭିଆଇପିଙ୍କୁ ସନ୍ତୁଷ୍ଟିକରଣରେ ଲାଗିଛି କି ଓସିଏ ? କେବଳ ଏତିକି ନୁହେଁ,ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡ଼ିୟମରେ ଦର୍ଶକଙ୍କ କ୍ଷମତା ୧ ଲକ୍ଷ ୩୨ ହଜାର ଥିବାବେଳେ କୋଲକାତାର ଇଡେନ୍ ଗାର୍ଡେନରେ ରହିଛି ୬୮ ହଜାର । ତେବେ ଦୀର୍ଘବର୍ଷ ହେଲା ବାରବାଟୀ ଭଳି ଐତିହାସିକ ଷ୍ଟାଡ଼ିୟମରେ କାହିଁକି ବୃଦ୍ଧି ପାଉନି ସିଟ୍ ସଂଖ୍ୟା ? କେଉଁଠି ରହୁଛି ସମସ୍ୟା ?ପାସ୍ ଅଧିକ ଟିକେଟ କମ୍? ଅଭିଯୋଗକୁ ନେଇ ଉଠିଥିବା ବିବାଦ ଭିତରେ ଓସିଏ କହିଛି, ଟିକେଟ ସଂଖ୍ୟା ଏବଂ ଦର୍ଶକଙ୍କ କ୍ଷମତା ବୃଦ୍ଧି ନେଇ ସଦସ୍ୟ ମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ। ମ୍ୟାଚ୍ ଆସିଲେ ଚର୍ଚ୍ଚାକୁ ଆସୁଥିବା ବାରବାଟୀ ଷ୍ଟାଡ଼ିୟମରେ କେବେ ବଢ଼ିବ ସିଟ୍ ସଂଖ୍ୟା ଏବଂ କେତେ ଶୃଙ୍ଖଳିତ ହେବ ଟିକଟ ବିକ୍ରି, ତାକୁ ଏବେ ଅପେକ୍ଷା ।

### 'ଅନିୟମିତତା ଧରିବାକୁ ...

ଏଥିସହ କପି ରୋକିବାକୁ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ରହିବ। ପେପର ଲିକ୍ ରୋକିବାକୁ ଏଥର ପ୍ରତି ପ୍ରଶ୍ନପତ୍ରରେ ଡାଇନାମିକ୍ ଛଦ୍ମ କୋଡ୍ ଓ ୱାଟର ମାର୍କ ଲଗାଯିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପ୍ରଶ୍ନପତ୍ର ଭାଇରାଲ୍ ହେଲେ, ଏହା କେଉଁ ସ୍ଥାନରୁ ଓ ସେଣ୍ଟରରୁ ଲିକ ହୋଇଛି ତାହା ଜଣାପଡ଼ିଯିବ ବୋଲି ଈଝର ଉପସଭାପତି ନିହାର ମହାନ୍ତି କହିଛନ୍ତି। ଏଥିସହ ଅନ୍ୟ ଏକ ବଡ଼ ପଦକ୍ଷେପ ସ୍ୱରୂପ ପରୀକ୍ଷା ବେଳେ ସବୁ ଧରଣର ଅନିୟମିତତା ରୋକିବାକୁ ଲାଇଭ ଷ୍ଟ୍ରିମିଂ ସେଣ୍ଟର ସଂଖ୍ୟା ୨୦୦ରୁ ୬୦୦କୁ ବଢ଼ାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା ଏଆଇ ନୁହେଁ, ଏଆଇ ଭଳି ବୋର୍ଡର ୩୦ ଜଣିଆ ଟେକ୍ନିକାଲ୍ ଟିମ୍ ଦ୍ୱାରା କରାଯିବ। ବୋର୍ଡ କାର୍ଯ୍ୟାଳୟରେ କମାଣ୍ଡ କଣ୍ଟ୍ରୋଲ ରୁମରୁ ହିଁ ସଂପୃକ୍ତ ୬ ଶହ ସେଣ୍ଟରର ପରୀକ୍ଷା ମନିଟରିଂ କରାଯିବ। ଏହାବାଦ ସମସ୍ତ ପରୀକ୍ଷା କେନ୍ଦ୍ର ସିସିଟିଭି ନଜରରେ ରହିବ ବୋଲି ସୂଚନା ଦେଇଛନ୍ତି ବୋର୍ଡ ସଭାପତି। ତେବେ ପ୍ରଶ୍ନପତ୍ର ଲିକ୍ ଓ ଭାଇରାଲ୍ ରୋକିବାକୁ ପରୀକ୍ଷା କେନ୍ଦ୍ରକୁ ସଂପୂର୍ଣ୍ଣ ମୋବାଇଲ୍ ବାରଣ କରାଯାଇଛି। ଗତଥର ପ୍ରଥମ କରି ସ୍ୱୟଂକ୍ରିୟ ଏଆଇ ବ୍ୟବସ୍ଥାର ପ୍ରୟୋଗ ସତ୍ତ୍ୱେ ପେପର ଭାଇରାଲ ଅଭିଯୋଗ ଅପବାଦରୁ ମୁକୁଳି ପାରିନଥିଲା ବୋର୍ଡ। ବରଂ ଆରମ୍ଭରୁ ଶେଷ ଯାଏଁ ପ୍ରାୟ ସବୁ ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବାର ଖୋଦ୍ ପରୀକ୍ଷାର୍ଥୀ ଅଭିଯୋଗ ଆଣୁଥିଲେ ବି ବୋର୍ଡ ପକ୍ଷରୁ କିନ୍ତୁ ଏଯାଏଁ ଏହାକୁ ଖଣ୍ଡନ କରି ଆସିଛନ୍ତି। ତେଣୁ ପ୍ରଶ୍ନପତ୍ର ଭାଇରାଲ୍ ହେବାକୁ ରୋକିବାରେ ଫେଲ୍ ମାରିବାରୁ ଏଥର ଏଭଳି ନିଜସ୍ୱ ଟେକ୍ନିକାଲ୍ ପଦ୍ଧତିକୁ ଆପଣାଇଲା କି ବୋର୍ଡ? ଫଳପ୍ରଦ ହେବ ତ ବୋର୍ଡର ଏ ନୂଆ ବ୍ୟବସ୍ଥା? ତାକୁ ନେଇ ପ୍ରଶ୍ନ ଉଠିଥିଲା ବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍? ଘଟଣାକୁ ନେଇ ପରୀକ୍ଷାର୍ଥୀ ମଧ୍ୟ ଚିନ୍ତିତ। ମାଟ୍ରିକ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୧୯ ତାରିଖରୁ ଆରମ୍ଭ ହେବ ଖାତା ଦେଖା। ଏ ପ୍ରକ୍ରିୟା ୧୩ ଦିନ ଯାଏଁ ଚାଲିବ ବୋଲି ସୂଚନା ଦେଇଛନ୍ତି ବୋର୍ଡ କର୍ତ୍ତୃପକ୍ଷ।

### ଯେତେ ଖୋଳିଲେ...

ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଠକେଇ ସିଣ୍ଡିକେଟର ଆଉ ଏକ ଅଧ୍ୟାୟ। ୪ ବର୍ଷରେ ଶହେ କୋଟି ଟଙ୍କାର କାମ କରିଥିବା ଶାନ୍ତନୁ ସାଧାରଣ ଲୋକଙ୍କ ନାଁରେ ଜାଲ୍ ମନରେଗା ଆକାଉଣ୍ଟ କରି କୋଟି କୋଟି ଟଙ୍କା ହଡପ କରିଥିବା ଜାଣିବାକୁ ପାଇଛି ଭିଜିଲାନ୍ସ। ମାଲକାନଗିରି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ହେଉଛନ୍ତି ଶାନ୍ତନୁ ମହାପାତ୍ର। ଆଜି ଦ୍ୱିତୀୟ ଦିନରେ ଚଢ଼ାଉ କରୁଛି ଭିଜିଲାନ୍ସ। ଆଉ ଚଢ଼ାଉ ବେଳେ ଶାନ୍ତନୁଙ୍କ ଭୁବନେଶ୍ୱର କପିଳେଶ୍ୱର ପ୍ରସାଦ ଏସବିଆଇ ଶାଖା ଲକରରୁ ମିଳିଛି ନଗଦ ୨ ଲକ୍ଷ ଟଙ୍କା। ଏଥିସହ ବହୁ ଜମିବାଡି ଓ କୋଠାର କାଗଜପତ୍ର ପାଇଛି ଭିଜିଲାନ୍ସ। ରେଡ୍ ବେଳେ ଏଯାଏଁ ଶାନ୍ତନୁଙ୍କ ନିକଟରୁ ମୋଟ ୨ କୋଟି ୮ ଲକ୍ଷ ୯୨ ହଜାର ଟଙ୍କା ମିଳିଥିବା ବେଳେ ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ କୋଟିଏରୁ ଅଧିକ ଟଙ୍କା ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେବେ ପ୍ରଶ୍ନ ଉଠୁଛି ଶାନ୍ତନୁ କିଭଳି ହଡପ କରିଚାଲିଥିଲେ କୋଟି କୋଟି ଟଙ୍କା? ମିଳିଥିବା ସୂଚନା ଅନୁସାରେ ମାଲକାନଗିରି କୋରକୋଣ୍ଡା ବ୍ଲକ ତୁମସରପାଲୀ ପଞ୍ଚାୟତର କଟ୍ରାଗୁଡା ଗାଁରେ ୧୮ ଲକ୍ଷ ୪୯ ହଜାର ଟଙ୍କା ଖର୍ଚ୍ଚ କରି ୧୦ ହେକ୍ଟର ଜମିରେ କାଜୁ ଗଛ ଲଗାଯାଇଥିବା ରେକର୍ଡପତ୍ରରେ ଦର୍ଶା ଯାଇଥିଲା। ହେଲେ ସେଠାରେ ନା ଅଛି ଫଳକ ନା କାଜୁ ଗଛ। ଠିକ୍ ସେମିତି ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ସେ କରିଛନ୍ତି ଫଲ୍‌ସ ବିଲ୍। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୁବେର ଶାନ୍ତନୁ ଗତ ୪ ବର୍ଷରେ ଏଭଳି ଶହେ କୋଟି ଟଙ୍କାର କାମ କରିଥିବା ବେଳେ ସବୁ ପ୍ରକଳ୍ପ ଚଳୁ କରି ଦେଇଛନ୍ତି। ଏବେ ସେସବୁର ଖୋଳତାଡ଼ କରୁଛି ଭିଜିଲାନ୍ସ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ଚଢାଉ ବେଳେ ସାମ୍ନାକୁ ଆସିଛି ଶାନ୍ତନୁଙ୍କ ଠକେଇ ସିଣ୍ଡିକେଟ୍। ଭିଜିଲାନ୍ସ ରାଡାରକୁ ଆସିଛନ୍ତି ଆଉ କିଛି ସରକାରୀ ଓ ବେସରକାରୀ ଅଫିସର। ଯେଉଁମାନେ ସରକାରୀ ଅର୍ଥ ହଡପ୍ କରିବା ସହ ଶାନ୍ତନୁଙ୍କ କଳାଟଙ୍କା ଲୁଚେଇ ରଖିବାରେ ସାହାଯ୍ୟ କରୁଥିଲେ। ଏପରିକି ଆଦିବାସୀଙ୍କ ନାଁରେ ଜାଲ୍ ଆକାଉଣ୍ଟ କରି ତାଙ୍କ ନାଁରେ ଆସୁଥିବା ମନରେଗା ଅର୍ଥ ମଧ୍ୟ ହଡପ କରିଥିବା ପ୍ରମାଣ ପାଇଛି ଭିଜିଲାନ୍ସ। ଶାନ୍ତନୁଙ୍କ ଘରୁ ଏକାଧିକ ଜାଲ ଆକାଉଣ୍ଟ ଜବତ ହୋଇଛି। ଏଭଳି କ୍ଷେତ୍ରରେ ବର୍ଷ ବର୍ଷ ଧରି ହଡପର ଶୀକାର ହୋଇଥିବା ଆଦିବାସୀ ସଂଘ ଆଗକୁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

### ଆଗାମୀ ୩ ଦିନ...

କୁହୁଡ଼ି ହେବାର ସମ୍ଭାବନା ରହିଛି। ଠିକ୍ ସେହିପରି ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଗଜପତି, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ କେତେକ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ରବିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ କଟକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହୋଇପରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଗତ ୨୪ ଘଣ୍ଟା ଭିତରେ ଫୁଲବାଣୀରେ ସର୍ବ ନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଆଗାମୀ ୧୨ ତାରିଖ ଯାଏଁ ରାଜ୍ୟରେ ପାଗ ଶୁଖିଲା ରହିବ। ତାତି ବଢ଼ିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ସର୍ଚ୍ଚ ଅପରେସନ ବେଳେ ...

କାମ କରୁଥିବା କହିବା ସହ ଲ୍ୟାଣ୍ଡମାଇନ ଖଞ୍ଜିବା ସେମାନଙ୍କର କାମ ଥିବା କହିଥିଲେ। ଗିରଫ ହୋଇଥିବା ଦୁଇ ନକ୍ସଲ ହେଲେ ସୋଡି ଦୁଲା ଏବଂ ମାଡ଼ବୀ ବୁଦରା। ଗତ ୨୦୨୩ ମସିହାରେ ମେନପା ଅଂଚଳରେ ଲ୍ୟାଣ୍ଡମାଇନ ଖଞ୍ଜି ଦୁଇ ଯବାନଙ୍କୁ ଆହତ କରିଥିଲେ। ତେବେ ଏହି ଦୁଇ ନକ୍ସଲ ଗିରଫ ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବ ବୋଲି ପୁଲିସ କହିଛି।

### ୭ ହଜାର ଟଙ୍କା ...

ଘଟଣାକୁ ନେଇ ତଦନ୍ତ କରୁଛି କମିଶନରେଟ ପୋଲିସ। ପ୍ରଶାନ୍ତ ନାୟକଙ୍କ ଘର ନୟାଗଡ ଓ ବୟସ ୨୪। ପେସାରେ ଜଣେ କଳାକାର। ନିଶା କବଳରୁ ମୁକ୍ତି ପାଇଁ ୪ ମାସ ତଳେ ପରିବାର ଲୋକେ ଝାରପଡା ମହାଦେବନଗରରେ ଥିବା ସ୍ୱତେଜ ଫାଉଣ୍ଡେସନରେ ପ୍ରଶାନ୍ତଙ୍କୁ ଭର୍ତ୍ତି କରିଥିଲେ। ଭଲ ହୋଇ ଆଉ ୮ ଦିନ ପରେ ସେ ଘରକୁ ଫେରିଥାନ୍ତେ । ହେଲେ ଆଜି ତାଙ୍କ ମୃତ ଶରୀର ଲୋଟିଛି କ୍ୟାପିଟାଲ ହସ୍ପିଟାଲରେ। ପୁଅର ମୃତ୍ୟୁ ନେଇ ପରିବାର ଲୋକେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ମାତ୍ର ୭ ହଜାର ବକେୟା ଟଙ୍କା ପାଇଁ ପ୍ରଶାନ୍ତଙ୍କୁ କାଳେ ପିଟିପିଟି ହତ୍ୟା କରିଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ସବୁଠୁ ବଡ଼ କଥା ହେଉଛି, ପ୍ରଶାନ୍ତଙ୍କୁ ମେଡିକାଲ୍ ଧରି ଆସିଥିଲେ ନିଶା ନିବାରଣ କେନ୍ଦ୍ରର କର୍ତ୍ତୃପକ୍ଷ। ଆଉ ପରିବାର ଲୋକେ ଆସିଲା ବେଳକୁ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ଏନେଇ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତକଙ୍କ ପରିବାରଲୋକେ। ଏହାରି ଭିତରେ ସାମ୍ନାକୁ ଆସିଛି ପ୍ରଶାନ୍ତଙ୍କ ମୃତ୍ୟୁ ପୂର୍ବର ସିସିଟିଭି ଭିଜୁଆଲ। ତେଣେ ପରିବାରଲୋକଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ। ସଂପୃକ୍ତ ନିଶା ନିବାରଣ କେନ୍ଦ୍ରରେ ସେଭଳି କୌଣସି କାର୍ଯ୍ୟ ହୋଇନଥିବା କହିଛନ୍ତି କର୍ମଚାରୀ।

